INDIAN JOURNAL OF
MULTILINGUAL RESEARCH AND DEVELOPMENT

Asian Research Association

DOI: 10.34256/ijmrd2013

# Folktales of West Odisha: A Study

## ପଶ୍ଚିମ ଓଡିଶାରେ କଥାନି ପରମ୍ପରା ଓ ପରିବେଷଣ: ଏକ ଆଲୋଚନା

**Sanjaya Kumar Bag** [a,*]

[a] Lecturer in Odia, Eastern Regional Language Center, Bhubaneswar, India
*Corresponding author Email: sanjayakumabag@gmail.com

DOI: https://doi.org/10.34256/ijmrd2013
Received: 08-12-2020; Accepted: 16-12-2020; Published: 17-12-2020

**Abstract:** Folktales are a powerful source of oral tradition. Regional culture, environment, folk customs, customs and traditions, social customs, manners, beliefs, religious sentiments, and supernatural fantasies shape the content. The story also tells the story of the various cunning, conflicting concepts, life and physical creation, and birth mysteries of the groups involved. The article seeks to discuss the traditional and scholarly classification, the performers, and performance of folktales in West Odisha, also concerned with its socio-cultural implications.

**Keywords:** Kathani(folktales), West Odisha, Paribeshana (performance), kathak (Storyteller)

ଆମେ ସମସ୍ତେ କଥାନି ବା ଲୋକକାହାଣୀ ଶୁଣିଛୁ । ଜେଜେମା ଜେଜେବାପା, ଅଜା ଆଇ, ମାମୁଁ ମାଇଁ, ବଡବାପା, ମା ସମସ୍ତେ କହୁଥିଲେ କଥାନି, ସମ୍ପ୍ରତି ଗଣମାଧ୍ୟମର ପ୍ରଭାବହେଉ କିମ୍ବା ଅନ୍ୟକୌଣସି କାରଣରୁ ହେଉ ଆଉ କଥାନି ଶୁଣିବାକୁ ମିଳୁନାହିଁ, କହିବାକୁ ବି କେହିନାହାନ୍ତି[1]। ତେବେ, ଏବେ ବି ନିପଟ-ଗ୍ରାମାଞ୍ଚଳମାନଙ୍କରେ କଥାନି କଥନର ବା ପରିବେଷଣର ପରମ୍ପରା ଅଛି ।

'କଥାନି' ସାଧାରଣତଃ ମନୋରଞ୍ଜନ ପାଇଁ ପରିବେଷଣ କରାଯାଇଥାଏ । ଅତଏବ, ଏହା ମୁଖ୍ୟତଃ ଆମୋଦ ପ୍ରମୋଦଭିତ୍ତିକ । ତେବେ, କଥାନି କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟନୁହେଁ, ଏହା ନୈତିକଗୁଣ ସମ୍ପନ୍ନ ମଧ୍ୟ । ଏଥିରେ ଥିବା ନୀତିବାକ୍ୟ, ସଂସ୍କାର, ଉପଦେଶ, ଉଦାହରଣ, ସାମାଜିକ ଚିତ୍ର ଲୋକମାନଙ୍କୁ ବହୁଭାବରେ ପ୍ରଭାବିତ କରିଥାଏ । ବାଳକବାଳିକାମାନଙ୍କ କଳ୍ପନା ଓ ଆବେଗିକବିକାଶ ଦୃଷ୍ଟିରୁ; ରସବୋଧ, ନୀତିକଥା, ଆଦର୍ଶ ତଥା ସାମାଜିକ ଆବଶ୍ୟକତା ଦୃଷ୍ଟିରୁ କଥାନିର ଭୂମିକା ସମ୍ପୃକ୍ତ ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କଥାନିର କୌଣସି ନିର୍ଦ୍ଦିଷ୍ଟ ଲେଖକ ବା ରଚୟିତାନଥାନ୍ତି କିମ୍ବା କୌଣସି ନିର୍ଦ୍ଦିଷ୍ଟ ପରିବେଷଣକାରୀ ନଥାନ୍ତି । ଗୋଟିଏ ସମାଜରେ ପ୍ରାୟ ସମସ୍ତେ ଊଣାଅଧିକେ କଥାନି କହିବା ବା ପରିବେଷଣ କରିବାର ଦକ୍ଷତା ରଖନ୍ତି ।

କଥାନିଗୁଡିକ ସମ୍ପୂର୍ଣ୍ଣଭାବେ କଳ୍ପନାପ୍ରଧାନ । ଏଗୁଡିକୁ ଐତିହାସିକ ସତ୍ୟଭାବରେ ଗ୍ରହଣକରାଯାଏ ନାହିଁ । ଏସବୁର ଆଖ୍ୟାନରେ ସ୍ଥାନ ଓ ସମୟର ମଧ୍ୟ ନିର୍ଦ୍ଦିଷ୍ଟତା ନଥାଏ । ପାରମ୍ପରିକଭାବରେ ପିଢି ପରେ ପିଢି କଥାନିଗୁଡିକ ପରିବେଷଣ କରାଯାଇଥାଏ । ପିଢି ପରେ ପିଢି ପାରମ୍ପରିକଭାବରେ କଥକମାନେ କଥାନିର ବିଷୟବସ୍ତୁ ଓ ବର୍ଣ୍ଣନା ଶୈଳୀକୁ ଅନୁସରଣକରି ପରିବେଷଣକରିଥାନ୍ତି । ପରିସ୍ଥିତି, ପରିବେଶ, ଏବଂ କଥକଙ୍କ ସୃଜନଶୀଳତାର ପ୍ରଭାବରେ ପ୍ରତ୍ୟେକ ପରିବେଷଣରେ କିଛିନା କିଛି ନୂତନତ୍ୱ ଦେଖାଦେଇଥାଏ । ଅତଏବ, ପ୍ରତ୍ୟେକ ପରିବେଷଣ ଏକ ନୂତନ ପରିବେଷଣ ବା ଏକ ନୂତନ 'କଥାନି' ସୃଷ୍ଟି କରିଥାଏ, ଯଦିଓ ବିଷୟବସ୍ତୁ ସବୁବେଳେ ସମାନଥାଏ । କଥାନିଗୁଡିକ ବିଷୟବସ୍ତୁ ଦୃଷ୍ଟିରୁ ଦୀର୍ଘ କିମ୍ବା ନାତିଦୀର୍ଘ ମଧ୍ୟ ହୋଇପାରେ । ଅନେକ କ୍ଷେତ୍ରରେ କଥାନି ପରିବେଷଣର ସମୟସୀମା ପରିବେଷଣକାରୀ ବା କଥକଙ୍କ ପରିବେଷଣଶୈଳୀ ଉପରରେ ନିର୍ଭରକରିଥାଏ । କଥକ କଥାନି ପରିବେଷଣ କଲାବେଳେ ତାଙ୍କର ସ୍ୱତନ୍ତ୍ରତା ତଥା ନିଜ ଶୈଳୀରେ କିଛି ନୂତନ ବର୍ଣ୍ଣନାକରିବା ସହିତ ଆଖ୍ୟାନକୁ ରୋଚକ କରିବାକୁଯାଇ ବିଭିନ୍ନ ପ୍ରକାର ଅଳଙ୍କରଣ ତଥା ତାତ୍କାଳିକ ସଂଯୋଜନା କରିବା ଦେଖାଯାଏ । ଏହି ସଂଯୋଜନା ଶ୍ରୋତାମାନଙ୍କୁ କାହାଣୀ ସହିତ ଏକାତ୍ମତା ତଥା ଚିତ୍ରଗୁଡିକର ଜୀବନ୍ତ ରୂପାୟନର ଅନୁଭବ ଆଣିଦେଇଥାଏ । ସେହିପରି, ଏକ ପାରମ୍ପରିକ ପରିବେଷଣ ମଧ୍ୟରେ ସମୟକ୍ରମେ ନୂତନ କାହାଣୀମାନ ମଧ୍ୟ ସର୍ଜନ ହେବାର ସମ୍ଭାବନା ସୃଷ୍ଟି କରିଥାଏ, ଆଧୁନିକତା ତଥା ଶିକ୍ଷା ପରିବେଶ ପରିସ୍ଥିତି ଲୋକକାହାଣୀରେ ଏହି ନୂତନ ସଂଯୋଜନାକୁ ଜନ୍ମଦେଇଥାଏ[2] ।

### କଥାନୀର ସଂଜ୍ଞା ଓ ସ୍ୱରୂପ

ଯେଉଁ ଗପ ବା କଥାନି ପାରମ୍ପରିକଭାବେ ପ୍ରକାଶିତ ତଥା ପରିବେଷିତ ହୋଇଥାଏ ତାହାକୁ ଲୋକକଥା, ଲୋକକାହାଣୀ ବା କଥାନି କୁହାଯାଇପାରେ । ଅନ୍ୟାନ୍ୟ ଲୋକ ଉପାଦାନପରି ଏହା ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ପାରମ୍ପରିକରୂପରେ ତଥା ମୌଖିକଭାବରେ

ସମ୍ପ୍ରସାରିତ ହୋଇଥାଏ ଏହା ସହିତ ଉପାଦାନର 'ଭିନ୍ନରୂପ (variant)' ତଥା 'ପ୍ରକାରାନ୍ତରରୂପ (version)' ପରିଦୃଷ୍ଟ ହୋଇଥାଏ । ଏହି ସମ୍ପ୍ରସାରଣ ଭିତରେ ସମୟକ୍ରମେ ପରିବେଶ ଓ ପରିସ୍ଥିତି ଦୃଷ୍ଟିରୁ ନୂତନ ସଂଯୋଜନାହେବା ସହିତ କିଛି ଉପାଦାନର ବିଲୋପନ ମଧ୍ୟ ହୋଇଥାଏ ।

କଥାନିଗୁଡିକ ସମାଜର ସାଂସ୍କୃତିକ ଦର୍ପଣ, ଯାହା ସାମାଜିକ ଅନୁଷ୍ଠାନ, ବୈଷୟିକ ଜ୍ଞାନ, ବାହ୍ୟ ଲୌକିକତା ତଥା ସାମାଜିକ ବିଶ୍ୱାସ ଓ ଦୃଷ୍ଟିଭଙ୍ଗୀକୁ ସୁସଂହତଭାବେ ପ୍ରକାଶକରିଥାଏ । ତତ୍‌ସଙ୍ଗେସଙ୍ଗେ ସଂସ୍କୃତିର ପ୍ରଭାବଶାଳୀ ଉପାଦାନ, ସାଂସ୍କୃତିକ ସଂରଚନା, ମୂଲ୍ୟବୋଧ, ଏବଂ ସାଂସ୍କୃତିକ ଲକ୍ଷ୍ୟସବୁର ଚିତ୍ର ପ୍ରଦାନକରିଥାଏ, ଯାହାକୁ କି ସାଂସ୍କୃତିକ ଚେତନାର ଅନୁଭବ ଓ ପ୍ରମାଣଭାବରେ ଗ୍ରହଣକରାଯାଇପାରେ । କଥାନି ସମାଜରେ ବ୍ୟବହାରିକ ଜ୍ଞାନର ଆହରଣପାଇଁ ପରିସର ସୃଷ୍ଟିକରିଥାଏ । ନୈତିକତାକୁ ପ୍ରତିଷ୍ଠିତ କରିବା ସହିତ ଦୈନନ୍ଦିନ ଜୀବନର ନିର୍ଦ୍ଦିଷ୍ଟ ଅବଧାରଣା ଓ ବିଶ୍ୱାସକୁ ପରିବର୍ଦ୍ଧିତ କରିବାରେ ସହାୟକ ହୋଇଥାଏ । ବିଭିନ୍ନ କର୍ମକାଣ୍ଡ ତଥା ଦୈନନ୍ଦିନ ଜୀବନକୁ ନିୟମବଦ୍ଧ ଓ ଶୃଙ୍ଖଳିତ କରିଥାଏ । ପାରମ୍ପରିକ ଆସ୍ଥା ଓ ଆଦିମ ବୌଦ୍ଧିକାଧିକାରକୁ ଅତୁଟ ରଖିବାରେ ସାହାଯ୍ୟ କରିଥାଏ । ସମାଗ୍ରିକଭାବରେ ପାରମ୍ପରିକ ସମାଜରେ କଥାନି ଏକ ଶିକ୍ଷଣପ୍ରକ୍ରିୟାଭାବରେ କାର୍ଯ୍ୟକରେ । ସାଧାରଣ ଆଚାର ବ୍ୟବହାର, ବିଭିନ୍ନ ନୀତିନିୟମ, ଶ୍ରମଶୀଳତା ତଥା ଦୈନନ୍ଦିନଜୀବନର ବହୁବିଧଶିକ୍ଷା କଥାନିରୁ ମିଳିଥାଏ । ଶିଶୁ-କିଶୋରମାନଙ୍କ ପାଇଁ ଏହା ଏକ ଶିକ୍ଷାୟତନ ଭାବରେ ମଧ୍ୟ କାର୍ଯ୍ୟକରିଥାଏ । କଥାନିକୁ ଆଚାର-ବିଚାର, ବ୍ୟବହାର ତଥା ବିଧିବିଧାନରେ ଅନୁମୋଦନକାରୀଭାବରେ ବ୍ୟବହାର କରାଯାଇପାରେ । ଶୈକ୍ଷିକ ପ୍ରକାର୍ଯ୍ୟ ଓ ସାଂସ୍କୃତିକବୈଧତା ସହିତ ଏହି ପ୍ରକାର୍ଯ୍ୟର ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ଏହାର ସ୍ୱତନ୍ତ୍ରତା ଅଛି । କଥାନି ସାମାଜିକ ଅନୁମୋଦନ ତଥା ଅଗ୍ରାହ୍ୟପାଇଁ ବ୍ୟବହୃତ ହୋଇପାରେ, ସାମାଜିକ ନିନ୍ଦା-ପ୍ରଶଂସା ତଥା ବୈଧାନିକ ସତର୍କତା ସାମାଜିକ ବିଭେଦକାରୀ ସମସ୍ୟାର ସମାଧାନକରିବା ସହିତ ଦଣ୍ଡବିଧାନବ୍ୟବସ୍ଥାକୁ ମଧ୍ୟ ଅନୁମୋଦନ କରିଥାଏ । ଅତଏବ, ଏହିସବୁ ଆୟାମକୁ ଆଧାରକରି ଏଠାରେ ଆମର ସହଜ ଅବଧାରଣାପାଇଁ କଥାନିର କେତୋଟି ବୈଶିଷ୍ଟ୍ୟକୁ ସଂକ୍ଷେପରେ ଏପରିଭାବରେ ଉଲ୍ଲେଖକରିପାରିବା–

୧. ଅନ୍ୟାନ୍ୟ ଲୋକଉପାଦାନ ପରି କଥାନିଟି ମଧ୍ୟ କେତେବେଳେ କିଏ ସୃଜନକରିଥାଏ ଏହା କହିବା କଷ୍ଟକର । ଏକ ନିର୍ଦ୍ଦିଷ୍ଟ ପରମ୍ପରା ମଧ୍ୟରେ ସମସ୍ତ ସଦସ୍ୟ ଏହାର ସର୍ଜନ ଏବଂ ପରିବେଷଣ ସହିତ ସମ୍ପୃକ୍ତଥାଆନ୍ତି ।

୨. ଗୋଟିଏ କଥାନି ପରମ୍ପରାକ୍ରମେ ଗୋଟିଏ ଗୋଷ୍ଠୀଠାରୁ ଆଉ ଗୋଟିଏ ଗୋଷ୍ଠୀକୁ ସମ୍ପ୍ରସାରିତ ହୋଇଥାଏ, ଓ ଏକଏକ ପରିବେଷଣରେ ଏହା ପ୍ରକାଶିତହୋଇଥାଏ ।

୩. କଥାନିଗୁଡିକରେ ପରିବେଶ ଏବଂ ପ୍ରସଙ୍ଗକ୍ରମେ ନୂତନ ସଂଯୋଜନା ଦେଖାଯାଇଥାଏ ।

୪. ପ୍ରତି ପରିବେଷଣରେ ଲୋକକଥାଗୁଡିକ ନୂତନ ଭାବରେ ପରିପ୍ରକାଶିତ ହେବା ସହିତ ଏହାର 'ପ୍ରକାରାନ୍ତର ରୂପ' ବେଳେବେଳେ ଭିନ୍ନରୂପଗୁଡିକ ଦେଖିବାକୁ ମିଳେ ।

୫. ସାମାଜିକ ରୀତିନୀତିପ୍ରସଙ୍ଗରେ କଥିତ ହେଉଥିବା କଥାନିଗୁଡିକ ବେଳେବେଳେ ଅନ୍ୟ ପ୍ରସଙ୍ଗରେ ପରିବେଷିତ ହେବାରେ ନିୟମଜନିତ ବାଧକତା ଦେଖାଯାଇଥାଏ ।

୬. କଥାନୀର ପରିବେଷଣରେ ମଧ୍ୟ ଜଣେଜଣେ ସିଆନ୍-କଥକ ଥାଆନ୍ତି ଯାହାଙ୍କୁ କଥାନି ପରିବେଷଣ କରିବାକୁ ସମ୍ପୃକ୍ତ ତଥା ସ୍ଥାନୀୟ ସହାବସ୍ଥିତ ଗୋଷ୍ଠୀର ସଦସ୍ୟ ଅନୁରୋଧକରିଥାନ୍ତି ।

୭. କଥାନିଗୁଡିକ ସମ୍ପୃକ୍ତ ଗୋଷ୍ଠୀର କଥିତଭାଷାରେ ପ୍ରକାଶିତହେଉଥିବାରୁ ଏହା ସରଳ ଏବଂ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟଙ୍କପାଇଁ ଗ୍ରହଣୀୟହୋଇଥାଏ ।

୮. କଥାନି ପରିବେଷଣକାଳରେ ପ୍ରାସଙ୍ଗିକତା ଦୃଷ୍ଟିରୁ ବେଳେବେଳେ ଗୀତର ସଂଯୋଜନା ମଧ୍ୟ ଦେଖାଯାଏ, ଏବଂ ଏହାସହିତ ପରିବେଷଣକାରୀଙ୍କ ଅଙ୍ଗଭଙ୍ଗୀକରିବା ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ ।

୯. କଥାନିର ପରିବେଷଣରେ ଶ୍ରୋତା ତଥା ଅନ୍ୟଅଂଶଗ୍ରହଣକାରୀଙ୍କ ଭୂମିକା ଉଲ୍ଲେଖନୀୟ । ଏମାନେ କଥାନି ପରିବେଷଣରେ ତ୍ରୁଟିବିଚ୍ୟୁତି ଲକ୍ଷ୍ୟକଲେ ତାହାକୁ ସୁଧାରିବାସହିତ ଆବଶ୍ୟକୀୟ ସଂଯୋଜନା ମଧ୍ୟ କରିଥାଆନ୍ତି ।

୧୦. କଥାନିଗୁଡିକ କେବଳ ମନୋରଞ୍ଜନପାଇଁ ନୁହେଁ, ଏହାର ପରିବେଷଣ ବେଳେବେଳେ ଏକ ସାମାଜିକ ସାଂସ୍କୃତିକ ଆବଶ୍ୟକତାର ପରିପୂରକ ମଧ୍ୟ ହୋଇଥାଏ ।

୧୧. ପରିବେଷଣକାଳରେ ପରିବେଷଣକାରୀ କଥାନି ସହିତ ସାମଞ୍ଜସ୍ୟ ରକ୍ଷାକରି ପରିବେଶ ଏବଂ ସମୟ-ସ୍ଥାନିକ ଆଖ୍ୟାନ ପ୍ରସ୍ତୁତ କରିବା ମଧ୍ୟ କଥାନି ପରିବେଷଣର ଅନ୍ୟ ଏକ ଆୟାମ ।.

## କଥାନିର ବିଭାଗୀକରଣ

ଓଡ଼ିଆ ଲୋକଧାରାରେ ବିଭିନ୍ନ ଲୋକଗୋଷ୍ଠୀରେ ବିଭିନ୍ନ ପ୍ରସଙ୍ଗ ଓ ପରିବେଶରେ ଅସଂଖ୍ୟ କାହାଣୀ ବା କଥାନି ପରିବେଷିତ ହେଉଛି ତଥା ହୋଇଆସୁଛି, ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରୁ ଓଡ଼ିଆ ଲୋକତତ୍ତ୍ୱବିଦ୍‌ମାନେ ଏହାର ସଂଗ୍ରହକାର୍ଯ୍ୟ ସହିତ ବିଭାଗୀକରଣ ଏବଂ ଅନୁଶୀଳନ କରିବାକୁ ମଧ୍ୟ ପ୍ରୟାସ କରିଆସିଛନ୍ତି । ଏହି ବିଭାଗୀକରଣ ସାଧାରଣତଃ 'ବିଷୟବସ୍ତୁ (content)' ଆଧାରିତ ଓ କେତେକାଂଶରେ ସ୍ୱରୂପ ଆଧାରିତ, ଯଥା– ବିଷୟବସ୍ତୁ ଆଧାରିତ: ୧. ପୌରାଣିକ କଥା, ୨. ଓଷାବ୍ରତ, ୩. ସନ୍ଥ ଓ ଭକ୍ତ କଥା, ୪. କିମ୍ବଦନ୍ତୀ, ୫. ପାଲା, ୬. ମାହାତ୍ମ୍ୟ କଥା, ୭. ଲୌକିକ କଥା, ୮. ଐତିହାସିକ, ୯. ସାମାଜିକ, ୧୦. ବୃତ୍ତି ଓ ଜାତିଭିତ୍ତିକ, ୧୧. ନୀତି ବିଷୟକ, ୧୨. ପଶୁପକ୍ଷୀ ଓ ସରୀସୃପ ବିଷୟକ, ୧୩. ଅତିପ୍ରାକୃତ ଓ ଅଲୌକିକ କଥାନି, (ଦାଶ ୧୯୫୮, ୪୩-୪୬; (ମିଶ୍ର ୧୯୯୬, ୨୨୦; ସାହୁ ୨୦୦୮, ୮୩); ଓ 'ସ୍ୱରୂପ (form)' ଆଧାରିତ: ୧. ରହସ୍ୟ ଓ ଧନ୍ଦା, ପହଲିଭିତ୍ତିକ ତଥା ପ୍ରଶ୍ନୋତ୍ତରଭିତ୍ତିକ ବା ବ୍ୟାଖ୍ୟାଦାନକାରୀ କଥାନି, ୨. ଦୀର୍ଘ କଥାନି, ୩. ଦ୍ୱନ୍ଦ୍ୱାତ୍ମକ କଥାନି, ୪. ସୂତ୍ର କଥାନି (ମହାପାତ୍ର ୨୦୧୧, ୯୮-୧୦୬; ଦାଶ ୧୯୫୮, ୪୩-୪୬; ମିଶ୍ର ୧୯୯୬, ୨୨୦; ମିଶ୍ର ୧୯୯୭, ୨୫୧) ।

କେବଳ ଲୋକଧାରାର ଗବେଷକ ବା ଆଲୋଚକ ନୁହନ୍ତି, ଲୋକଦୃଷ୍ଟି ଓ ଲୋକମାନସରେ ମଧ୍ୟ ବିଷୟବସ୍ତୁ, ବୈଶିଷ୍ଟ୍ୟ ଏବଂ ପରିବେଷଣଶୈଳୀଭିତ୍ତିରେ କଥାନିଗୁଡ଼ିକର ବିଭାଗୀକରଣ ଦେଖିବାକୁମିଳେ । ଏହି ବିଭାଗୀକରଣ ଓ ନାମକରଣ ସଠିକ, ଏବଂ ଯୁକ୍ତିଯୁକ୍ତ ମଧ୍ୟ ମନେହୋଇଥାଏ । ଉଦାହରଣଭାବରେ ପଶ୍ଚିମ ଓଡ଼ିଶାର କଥାନିଗୁଡ଼ିକର ପାରମ୍ପରିକ ବିଭାଗୀକରଣକୁ ନିଆଯାଇପାରେ–

(କ) ମଥାନ୍ କଥା: ସିଡ଼ି, ଶିରା, ଗାଭାଆଦି ସୃଷ୍ଟିପୁରାଣ / ଲୋକପୁରାଣ / ଜାତିପୁରାଣ ଓ ଲୋକକାବ୍ୟଗୁଡ଼ିକ ମଥାନକଥାର ଅର୍ନ୍ତଗତ ।

(ଖ) ଉପସନ୍ କଥା: ଜୀବ, ଉଦ୍ଭିଦ ଓ ପଦାର୍ଥ, ବିଭିନ୍ନ ବସ୍ତୁସକଳର ସୃଷ୍ଟି ପ୍ରସଙ୍ଗ ବିଶେଷତଃ ମିଥ୍‌ସମୂହ ଏହାର ଅନ୍ତର୍ଗତ । ମଥାନ୍‌କଥାରେ ମଧ୍ୟ ଏହା ଥାଏ ।

(ଗ) ଧାନ୍ନା କଥା: ଦେବଦେବୀଙ୍କ ଧରାବତରଣ ଓ ଲୋକଶିକ୍ଷା ତଥା ଧର୍ମସ୍ଥାପନଉଦ୍ଦେଶ୍ୟରେ ବିଭିନ୍ନ ମାନବୋଚିତ ଲୀଳାପ୍ରସଙ୍ଗ ବର୍ଣ୍ଣିତ କଥାନି ।

(ଘ) ଖମନା: ଆରଣ୍ୟକ କଥାନିସମୂହ ଏହାର ଅନ୍ତର୍ଗତ ।

(ଙ) ଯୁଗଲ: ପ୍ରଶ୍ନୋତ୍ତରୀ ବା ଓଗାଳ(ବିଶେଷତଃ ଧନ୍ଦାମୋଚନଧର୍ମୀ) ପଚାରଉଚାର କଥା । ଲଘୁକଥା ଶୈଳୀ ଓ ଦୀର୍ଘକଥା ଶୈଳୀ ଏପରି ଉଭୟଶୈଳୀରେ ଏହା ପ୍ରଚଳିତ ।

(ଚ) ଚତରାଙ୍ଗି: ଲଘୁହାସ୍ୟ ବା ଚତୁର୍ଯ୍ୟପୂର୍ଣ୍ଣ ବିନୋଦମୂଳକ କଥା । ଏଥିରେ ପ୍ରାୟ ବୌଦ୍ଧିକ ପ୍ରହେଳିକା ସ୍ଥାନପାଇଥାଏ ।

(ଛ) ଲବଜ୍: ଲୋକଶିକ୍ଷାମୂଳକ ସମୟୋପଯୋଗୀ ଲଘୁକଥା ।

(ଝ) ?: କିମ୍ବଦନ୍ତୀ ବା ଜନଶୃତିର ସ୍ଥାନୀୟ ପରିଭାଷା ସଠିକ୍ ଜଣାପଡୁନାହିଁ । ତଥାପି କୁହୁନି/କୋଏନୀ ନାମରେ ମିଳୁଥିବା କିଛି କଥାନିକୁ ଏହାର ଅନ୍ତର୍ଗତ କରାଯାଇଥାଏ ।

(ଞ) ଟୋବୋରୋଚୋ: ଲବଜଧର୍ମୀ ଓ ଛଳ-ଚତୁର ଲୋକକଥା ।

(ଟ) ଲମକ୍: ଦୀର୍ଘ କଥାନି[3] (ବିଶି ୧୯୯୬, ୪-୬) ।

ଉପରୋକ୍ତ ବିଭାଗୀକରଣକୁ ଆଧାରକରି ଆମେ ଆମର ଆଲୋଚନାଦୃଷ୍ଟିରୁ ଲୋକକାହାଣୀଗୁଡ଼ିକୁ ବିଷୟବସ୍ତୁ ତଥା ଆଖ୍ୟାନଶୈଳୀଦୃଷ୍ଟିରୁ ବିଭିନ୍ନବିଭାଗରେ ବିଭାଗୀକରଣ କରିପାରିବା ବା ଉପାଦାନର ଆବଶ୍ୟକତା ଅନୁସାରେ ଏଥିରେ ପରିବର୍ତ୍ତନ କରିପାରିବା ।

## କଥାନି: ଆଖ୍ୟାନ-ସଂରଚନା

ସ୍ମୃତିଚାରଣ (memorization): କଥକ ବା ପରିବେଷଣକାରୀ ଶ୍ରୋତା ନିକଟରେ ଆପଣା ସ୍ମୃତିରେ ଥିବା କଥାନିସବୁକୁ ସାଧାରଣତଃ ପରିବେଷଣ କରିଥାନ୍ତି । ଅତଏବ, ଲୋକତତ୍ତ୍ୱବିଦ୍‌ମାନେ ସ୍ମୃତିଚାରଣକୁ ସଂରଚନାର ମୁଖ୍ୟ କାରଣଭାବରେ ବିଶ୍ୱାସକରିବାସହିତ ଏହାକୁ ଲୋକସାହିତ୍ୟର ମୂଳବାହକରୂପରେ ଗ୍ରହଣକରନ୍ତି । କିନ୍ତୁ ଅନେକ କ୍ଷେତ୍ରରେ ଅବିକଳ ସ୍ମୃତିଚାରଣ ଅସମ୍ଭବମନେହୁଏ, କାରଣ— ସମୟ, ସ୍ଥାନ ଓ ସଂସ୍କୃତିର ପରିବର୍ତ୍ତନ ବା ବିବିଧତା, ଦୀର୍ଘକାଳଧରି ଅବିକଳ ସ୍ମୃତିଚାରଣଦିଗରେ ମାନବିକ ଅସାମର୍ଥ୍ୟ । ଏବଂ, ପ୍ରକୃତି ଓ ପରିବେଶର ପ୍ରଭାବ, ବିଭିନ୍ନ ଘଟଣାବଳୀ, ସାଂସ୍କୃତିକସଂଘର୍ଷ ଏବଂ ଆଦାନ-ପ୍ରଦାନ ଆଦି ମଧ୍ୟ ଅନେକସମୟରେ ମୂଳକଥା ବା ଆଖ୍ୟାନରେ ବ୍ୟତିକ୍ରମ ଆଣିଥାଏ ।

ଆଶୁସଂରଚନା (composition in-performance): ସ୍ୱକୀୟ ସୃଜନଶୀଳପରିପ୍ରକାଶର ଇଚ୍ଛା ପ୍ରତିଟିମଣିଷର ସହଜାତଗୁଣ ହୋଇଥିବାରୁ ପରିବେଷଣ ସମୟରେ ପରିବେଷକ ଆଶୁସଂରଚନା ମାଧ୍ୟମରେ ମୂଳକଥାରେ କେତେକ ନୂଆ ପଦଯୋଡି ନୂତନତ୍ୱ ଆଣିବା ନିହାତି ସ୍ୱାଭାବିକ । ବହୁସମୟରେ ଦେଖାଯାଏ ଯେ ପରିବେଷଣକାରୀ ପରିବେଷଣ ସମୟରେ ଅନେକ ନୂଆପଦ ତଥା ସ୍ୱକୀୟ ଆଖ୍ୟାନ ମଧ୍ୟ ଯୋଡିଥାଏ । ପରିବେଷଣକାରୀ ଆପଣାର ପରିବେଶ ତଥା ଦର୍ଶକୀୟ ଅଂଶଗ୍ରହଣରୁ ପ୍ରେରଣାଲାଭକରି ଉତ୍ସାହିତ ହୋଇଥାଏ । ପୁଣି, ଯଦି ସେ ସହାବସ୍ଥିତ ଅନ୍ୟ ଲୋକଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଉପାଦାନଟିକୁ ପରିବେଷଣ କରୁଥାଏ ତେବେ, ତାର ଅବବୋଧରେ ଆସିଥିବା ସେହି ସଂସ୍କୃତି ବା ସମାଜର କେତେକ ଜିନିଷ ଯୋଡିବାକୁ ପ୍ରୟାସକରିଥାଏ । ଏହା ବ୍ୟତୀତ, ଆକସ୍ମିକଭାବରେ ତାକୁ ପ୍ରଭାବିତ କରୁଥିବା କୌଣସି ଜିନିଷ, ପ୍ରକୃତି, ନିକଟତମ ପରିବେଶ ଏବଂ ଅନ୍ୟ ସଦସ୍ୟଙ୍କୁ ଆଧାରକରି ମଧ୍ୟ ସେ ନୂଆ ଆଖ୍ୟାନ ଯୋଡିଥାଏ[4] ।

ସୂତ୍ରାନୁସରଣ (formularization): ଅନ୍ୟାନ୍ୟ ବାଚିକ ଉପାଦାନପରି କଥାନି ପରିବେଷଣରେ ମଧ୍ୟ କେତେକ ସୂତ୍ରୀୟ-ଖଣ୍ଡବାକ୍ୟ ତଥା ପୁନରାବୃତ୍ତ-ଶବ୍ଦାବଳୀ ବାରମ୍ବାର ସଂଯୋଜିତ **(recurrent repetation)** ହୋଇଥାଏ । ଏହି ସୂତ୍ରୀୟ-ଖଣ୍ଡବାକ୍ୟରେ ପରିବେଷଣକାରୀ ନିଜର ବିଶେଷ ଆଖ୍ୟାନକଳା ସାହାଯ୍ୟରେ ନୂତନ ବାକ୍ୟ ବା ପଦ ସଂରଚନାକରନ୍ତି । ଏହା ସହିତ, ସମଛନ୍ଦ ବା ସମଧାରାର ଅନ୍ୟ ସମ୍ଭାବ୍ୟ-ସଂଯୋଜନାସବୁ ଯୋଡି ଆଖ୍ୟାନକାରୀ ସମ୍ପୃକ୍ତ ପଦ ବା ବାକ୍ୟକୁ ଅର୍ଥପ୍ରଦାନକରନ୍ତି । ଏହିପରି ଭାବରେ, ଦୀର୍ଘବର୍ଣ୍ଣନାତ୍ମକ ଆଖ୍ୟାନ ଉପସ୍ଥାପନାବେଳେ ପରିବେଷଣକାରୀ ପୂର୍ବରୁଶୁଣିଥିବା ଅଥବା ନିଜେଗଢିଥିବା ଖଣ୍ଡବାକ୍ୟମାନଙ୍କୁ ମୂଳ-ଆଖ୍ୟାନ ଓ ଭାବଧାରାରେ ଯୋଡି ନୂତନ ବାକ୍ୟ-ପଦ ସଂରଚନାକରିଥାନ୍ତି[5] ।

ସହ-ସଂଯୋଜନା (composition in-performance by participants): ଅନେକ ସମୟରେ କଥାନୀ ପରିବେଷଣରେ ପରିବେଷଣକାରୀ କୌଣସି ବର୍ଣ୍ଣନା ଛାଡିଦେଇ ଆଗକୁ ମାଡିଯିବା ଦେଖାଯାଏ, ତଥା ପରିବେଷଣରେ ତ୍ରୁଟିଦେଖାଯାଏ– ସାଧାରଣତଃ ଅନିୟମିତ କଥକ କିମ୍ବା କଥାନି ପରିବେଷଣର ପରମ୍ପରାକୁ ଅନୁସରଣ କରୁଥିବା ନୂତନ କଥକଙ୍କ କ୍ଷେତ୍ରରେ ଏସବୁ ପରିଲକ୍ଷିତ ହୋଇଥାଏ । ଉଦାହରଣ ସ୍ୱରୂପ, ଜଣେ ଅଳ୍ପ ବୟସର ପିଲାଟିଏ ତା ଅଜା ବା ଆଈଙ୍କଠୁ ଶୁଣିଥିବା କୌଣସି ଏକ କଥାନି ତା ସମବୟସ୍କ ଶ୍ରୋତାଙ୍କ ପାଖରେ ପରିବେଷଣ କରୁଛି, ସେଇଠି ଜଣେ ବୟସ୍କ ଶ୍ରେଣୀୟ ବ୍ୟକ୍ତି ଅଛନ୍ତି, ସେ ଦେଖିଲେ କଥାନିଟିର ଭୁଲ ଉପସ୍ଥାପନା ହେଉଛି ଅତଏବ, ସେ କ୍ଷେତ୍ରରେ ସେ ତାହାକୁ ନିଜେ ଠିକ୍‌ଭାବରେ ପରିବେଷଣକରିବାପାଇଁ ଆଗେଇଆସିଥାନ୍ତି । ଏହି ପ୍ରକାରର ଭୁଲ ଉପସ୍ଥାପନାକୁ 'ହଲିବହଣାବା' ବା ଭୁଲବାଟକୁ ନେଇଯିବା କୁହାଯାଇଥାଏ । ସେହିପରି, ଦୀର୍ଘ ବର୍ଣ୍ଣନାତ୍ମକ କାହାଣୀଗୁଡିକରେ ଆବଶ୍ୟକତା ଦୃଷ୍ଟିରୁ ମଧ୍ୟ ଆଖ୍ୟାନ ମଝିରୁ କିଛି ଶ୍ରୋତାଙ୍କୁ ପରିବେଷଣକରିବା ଦେଖିବାକୁମିଳେ ତଥା ସମକାଳୀନଭାବରେ ମିଳିତ-ପରିବେଷଣ ମଧ୍ୟ କରାଯାଏ ।

ଏହା କେବଳ କଥାନି ବା ଲୋକକାହାଣୀ ପାଇଁ ନୁହେଁ ବରଂ ଲୋକଧାରାର ପ୍ରାୟ ସମସ୍ତ ବାଚିକ ଉପାଦାନ ପାଇଁ ପ୍ରଯୁଜ୍ୟ ।

## କଥାନି ପରିବେଷଣର ସ୍ଥାନ, ଶ୍ରୋତା, ଓ ପରିବେଷଣ ପ୍ରକ୍ରିୟା

କଥାନିର ପରିବେଷଣପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ । ତଥାପି କର୍ମମୟଜୀବନରୁ ଟିକିଏ ବିରତ ବା ବିଶ୍ରାମ ସମୟକୁ କଥାନି ପରିବେଷଣ ଆୟୋଜନ ନିମନ୍ତେ ଉପଯୁକ୍ତ ମନେକରାଯାଇଥାଏ । ତେବେ, ଅଳ୍ପବୟସ୍କ ଅର୍ଥାତ ବାଳକ ବାଳିକା ବା କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ଯେକୌଣସି ସମୟରେ ଏହାର ଆୟୋଜନ କରାଯାଇଥାଏ । କଥାନି ପରିବେଷଣର ଏହି ଆୟୋଜନଗୁଡିକୁ ଅନୁଶୀଳନକରି ଏହି ପରିବେଷଣ ସମୟକୁ ଆଲୋଚନାର ସୁବିଧାଦୃଷ୍ଟିରୁ ତିନୋଟି ପର୍ଯ୍ୟାୟରେ ଉପସ୍ଥାପିତ କରାଯାଇପାରେ—

(କ) ଖରାଦିନର ଦିପ୍ରହର କିମ୍ବା ରାତ୍ର: ଏହି ସମୟରେ ପ୍ରାୟତଃ ଗ୍ରୀଷ୍ମତାପର ବିରକ୍ତିକର ସମୟ କାଟିବାକୁ କଥାନିର ପରିବେଷଣ କରାଯିବା ଦୃଷ୍ଟିଗୋଚର ହୋଇଥାଏ । ବିଶେଷତଃ କୌଣସି ଗଛମୂଳରେ, ଘରବାରଣ୍ଡାରେ ଏକତ୍ର ବସିଥିବାବେଳେ କଥାନି ପରିବେଷିତ ହୋଇଥାଏ । ସେହିପରି, ସେଠାରେ କୌଣସି ନିୟମିତ କଥକ ଯଦି ଉପସ୍ଥିତ ଥାଆନ୍ତି ତେବେ ତାଙ୍କୁ କଥାନି ପରିବେଷଣପାଇଁ ଅନୁରୋଧ କରାଯାଇଥାଏ, ନହେଲେ ଯେକୌଣସି ବୟସ୍କ ବ୍ୟକ୍ତି ଯିଏ କଥାନି ପରିବେଷଣ କରିପାରିବେ, କରିଥାନ୍ତି । ଯୋଗୀ, ଘୋଗିଆ, ପରଘନିଆ, ଭଗୁଆ, ମରାଲ, ବିରଥିଆ ବା ଦେବଗୁନିଆ ପ୍ରଭୃତି ପ୍ରଜାତିକଭାଟମାନେ ସବୁବେଳେ ସବୁଠି ଉପସ୍ଥିତନଥାନ୍ତି ଅତଏବ, କେବେ କେବେ ବିଶେଷ ପରିସ୍ଥିତିରେ ବା ସମାଜିକ କର୍ମ-ଅନୁଷ୍ଠାନ ଆୟୋଜନକାଳରେ କେବଳ କଥାନି ପରିବେଷଣ କରିଥାନ୍ତି ।

(ଖ) ଶୀତରାତି: ଖରାଦିନପରି ଶୀତଦିନରେ ମଧ୍ୟ ପ୍ରବଳଶୀତରୁ ରକ୍ଷାପାଇବାପାଇଁ ରାତିରେ କିମ୍ବା ପାହାନ୍ତିଆ ସକାଳରେ ଉହ୍ଲେଇକରି ନିଆଁ ପୋଇଲାବେଳେ କଥାନିର ଆୟୋଜନ କରାଯାଇଥାଏ । ଏହି ପରିବେଷଣରେ ମଧ୍ୟ ବିଭିନ୍ନବୟସର ଉଭୟ ନାରୀପୁରୁଷଶ୍ରୋତାଙ୍କୁ ଭାଗନେବା ଦେଖିବାକୁମିଳେ । ଧାନକଟା ସମୟରେ ଖଳାରେ, ଧାନଅମଳବେଳେ ରାତିରେ ଖଳାଜଗିବାକୁ ପଡିଥାଏ ଏଣୁ, ଏହି ସମୟ କଥାନି ପରିବେଷଣ ପାଇଁ ଉପଯୋଗୀ ହୋଇଥାଏ । ଏହି ପରିବେଷଣରେ କେବଳ ବୟସ୍କ ପୁରୁଷ ଲୋକ ହିଁ ଉପସ୍ଥିତ ଥାଆନ୍ତି, ଅତଏବ ବିଭିନ୍ନ କଥାନି ସହିତ ନିଷିଦ୍ଧ କଥାନିଗୁଡିକପାଇଁ ମଧ୍ୟ ପରିବେଷଣର ସୁଅବସର ଥାଏ ।

(ଗ) କୃଷି, ଗୋଚାରଣ, ଓ ଜଙ୍ଗଲକ୍ଷେତ୍ର: **କୃଷିକ୍ଷେତ୍ରରେ ସାଧାରଣତଃ ଧାନ ରୋଇଲା ବେଳେ, କାଟିଲାବେଳେ କଥାନି ପରିବେଷଣ ଦେଖିବାକୁ ମିଳେ । ଏହି ସମୟରେ ପରିବେଷିତ ହେଉଥିବା କଥାନି ସାଧାରଣତଃ ଦୀର୍ଘହୋଇନଥାଏ, କାରଣ ଦୀର୍ଘକଥାନି କୃଷିକାର୍ଯ୍ୟରେ ବାଧାଦେବାର ସମ୍ଭାବନା ରହିଥାଏ । ସେହିପରି, ଗୋରୁ ଚରେଇଲାବେଳେ ଗାଈଆଳମାନେ ସମୟ କାଟିବାକୁ କଥାନି ପରିବେଷଣ କରିବାକୁ ଉପଯୁକ୍ତ ମନେକରିଥାନ୍ତି । ପୁଣି କାଠପାଇଁ ବା ବନ୍ୟଜାତଦ୍ରବ୍ୟର ସଂଗ୍ରହପାଇଁ ଜଙ୍ଗଲଯିବା ସମୟରେ ବାଟ ଚାଲିଲାବେଳେ ବା ବିଶ୍ରାମନେବା ସମୟରେ କଥାନି ପରିବେଷଣ କରିବା ଦେଖାଯାଏ । ଗୋରୁ ଚରେଇଲାବେଳେ ଏବଂ ଜଙ୍ଗଲ କ୍ଷେତ୍ରରେ କଥାନି ପରିବେଷଣରେ ସାଧାରଣ କଥାନି ସହିତ ନିଷିଦ୍ଧ କଥାନିର ପରିବେଷଣ ବି ଦେଖିବାକୁମିଳେ କାରଣ, ଏହି ପରିବେଷଣରେ କୌଣସି ଛୋଟ ପିଲା କିମ୍ବା ନିକଟ ସମ୍ପର୍କିୟ ତଥା ସ୍ତ୍ରୀଲୋକଙ୍କର ଉପସ୍ଥିତିନଥାଏ । ସେମିତି ଧାନ ରୋଇଲାବେଳେ, ଧାନକାଟିଲାବେଳେ ବି ଯଦି ସ୍ତ୍ରୀ ଲୋକମାନେ ଉପସ୍ଥିତ ନଥାନ୍ତି ତେବେ, ସେତେବେଳେ ମଧ୍ୟ ନିଷିଦ୍ଧ କଥାନିମାନ ପରିବେଷଣ କରାଯାଇଥାଏ ।**

**ଉପରୋକ୍ତ ପରିବେଷଣକ୍ଷେତ୍ର ବ୍ୟତୀତ, ଲୋକ ନିଜନିଜର ସୁବିଧା ମନେକରୁଥିବା ଯେକୌଣସି ଅବସର ସମୟରେ ଘରେ, ଖଟିସ୍ଥାନମାନଙ୍କରେ ଏପରିକି ଶିକ୍ଷାନୁଷ୍ଠାନରେ, କର୍ମକ୍ଷେତ୍ରରେ କଥାନି ତଥା କିଛିକିଛି ଉପାଖ୍ୟାନ ପରିବେଷଣ କରିଥାନ୍ତି । ଏହି ପରିବେଷଣ ପ୍ରାୟ ସମବୟସ୍କ-ବୟସ୍କାମାନଙ୍କ ମଧ୍ୟରେ ହୋଇଥାଏ । ମନୋରଞ୍ଜନଧର୍ମୀ, ଚାତୁର୍ଯ୍ୟପୂର୍ଣ୍ଣ କଥାନି, ଭୂତପ୍ରେତପ୍ରଭୃତି ବିଷୟବସ୍ତୁ ଆଧାରିତ କଥାନି ଏହି ପରିବେଷଣରେ ସାଧାରଣତଃ ଶୁଣିବାକୁ ମିଳିଥାଏ ।**

## କଥାନି କଥକ

**ଜାତି, ଧର୍ମ, ଗୋଷ୍ଠୀ, ବୟସ ନିର୍ବିଶେଷରେ ଓଡିଶାର ପ୍ରାୟ ସମସ୍ତ ଲୋକ ଊଣାଅଧିକେ କିଛି ନା କିଛି କଥାନି କହିପାରନ୍ତି । ତଥାପି କଥକ ବା ନିୟମିତ କଥାନି ପରିବେଷଣକାରୀ କହିଲେ ବିଶେଷଭାବରେ ଯେଉଁମାନଙ୍କୁ ବୁଝାଏ ସେମାନେ ହେଲେ;**

(କ) ପରିବାରର ବୟସ୍କଲୋକ: **ଅପା, ଆଈ, ଜେଜ, ଦାଦି(ଅଜା), ସାଙ୍ଗସରସା, ମାଁ, ମାଉସୀ, ବଡବାପା, ବଡମାଆ ପ୍ରଭୃତି ।**

(ଖ) ସାମାଜର ସାଂସ୍କୃତିକ ପ୍ରତିନିଧି ଓ କଥାନି କଥକ: **ଗନ୍ତ୍ରସାଗର, ଯୋଗୀ, ପଶ୍ଚିମ ଓଡିଶା ଏବଂ ଆଦିବାସୀ ଲୋକଗୋଷ୍ଠୀ ପରିପ୍ରେକ୍ଷୀରେ– କୋଏନୀକାର/କୁହୁନିକାର, ଟହଲିଆ, ସୁତ୍ରେନ୍, ମେଲାଭୁତିଆର, ଜଲଙ୍ଗିଆ, ସିହାନ, ଜାନି, ଝାଁକର, ଦିଆରି, ଗୁନିଆଁ, ଦେହେଲିଆ ପ୍ରଭୃତି[6] ।**

(ଗ) ପ୍ରଜାତିକ ଭାଟ: **ଘୋଗିଆ, ପରଘନିଆ, ଭଗୁଆ, ମରାଲ, ବିରଥିଆ ବା ଦେବଗୁନିଆ, ଏବଂ ଏମାନଙ୍କ ସ୍ତ୍ରୀଲୋକମାନେ[7] (ବିଶି ୧୯୯୬, ୬) ।**


**କଥାନି କଥକମାନେ ଗୀତ, ଧନ୍ଦା, ପ୍ରବାଦ ବଚନ, ପହେଳି, କାନ୍ଦଣା ତଥା ବିଭିନ୍ନ ପଦର ଆବୃତ୍ତି ସଂଯୋଗ କରିବା ସହିତ ପରିବେଷଣଶୈଳୀକୁ ଅଧିକ ମନୋରଞ୍ଜନ ତଥା ଆକର୍ଷଣୀୟ କରିଥାନ୍ତି । ସାଧାରଣତଃ ଲମକ୍ ବା ଦୀର୍ଘ କଥାନିଗୁଡିକରେ ଏସବୁର ପ୍ରୟୋଗ ବେଶି ଦେଖାଯାଇଥାଏ । ଏପରିକି କେତେକ ଲମକ୍ କେବଳ ଗୀତ ଶୈଳୀରେ ପରିବେଷିତହେବା ଦେଖାଯାଏ । କଥକୀୟଶୈଳୀ ଅନୁସାରେ ଗୋଟିଏ କଥାନି ମୁନ୍ଦଲ (ଆରମ୍ଭ), ବହଲେନ୍ (ଆଗକୁ ବଢେଇବା), ଥାକେନ୍ (ବିଶ୍ରାମ), ପଛଘିଚେନ୍ (ପଛକୁଫେରିବା), ପଚରେନ୍ (ପଚାରିବା), ହିଟେନ୍ (ଶ୍ରୋତାଙ୍କ ସନ୍ଦେହମୋଚନ କରିବା), ଚଘେନ୍ (ଉପରକୁ ଚଢେଇବା ବା ଆଗକୁବଢିବା), ଛିଡେନ୍ (ଛିଣ୍ଡାଇବା ବା ସମାପ୍ତ କରିବା) ଆଦି ବିଭିନ୍ନ ଭାଗ ବା ଅଂଶରେ ବିଭକ୍ତ ହୋଇଥାଏ (ବିଶି ୧୯୯୬, ୬) ।**

## କଥାନି ପରିବେଷଣ ପ୍ରକ୍ରିୟା

**ଉପସ୍ଥିତ ଅଂଶଗ୍ରହଣକାରୀଙ୍କଭିତରୁ ଯେକେହି ବି କଥାନିଟିଏ କହିବାକୁ ଅନୁରୋଧକରିପାରନ୍ତି ଏବଂ ଅନୁରୋଧ ରଖିବାକୁଯାଇ ଯେକେହି କଥାନି ପରିବେଷଣ କରିଥାନ୍ତି ଯଦି ସେଠାରେ କୌଣସି ନିୟମିତ କଥାନିକଥକ ଅନୁପସ୍ଥିତ ଥାଆନ୍ତି । ଗୃହାଙ୍ଗନରେ ପରିବେଷଣର ଆୟୋଜନ ହେଉଥିଲେ ପରିବେଷଣକାରୀଙ୍କୁ ବସିବାପାଇଁ ଏକ ଆସନଭାବରେ ଅଖାଟିଏ କିମ୍ବା ପିଢାଟିଏ ଦିଆଯାଇଥାଏ । ପିଇବାପାଇଁ ପାଣି ତଥା ପରିବେଷଣକାରୀଙ୍କପାଇଁ ତାଙ୍କ ଅଭ୍ୟାସମୁତାବକ ଭାଁଗ୍, ବିଡିଇତ୍ୟାଦି ଦେବାକୁହୋଇଥାଏ । ଘୋଗିଆ, ପରଘନିଆ, ଭଗୁଆ, ମରାଲ, ବିରଥିଆ ବା ଦେବଗୁନିଆପ୍ରଭୃତି ପ୍ରଜାତିକ ଭାଟ; କୋଏନୀକାର/କୁହୁନିକାର, ଟହଲିଆ, ସୁତ୍ରେନ୍, ମେଲାଭୁତିଆର, ଜଲଙ୍ଗିଆ, ସିହାନ, ଜାନି-ଝାଁକର, ଦିଆରି-ଗୁନିଆଁ, ଦେହେଲିଆ ପ୍ରଭୃତି ସାମାଜିକ ପ୍ରତିନିଧି; ଗୀତକୁଢିଆ-ଗୀତ କୁଢିଏନ୍‌ମାନେ ଯେତେବେଳେ କଥାନି ପରିବେଷଣ କରନ୍ତି ତାଙ୍କୁ ସମ୍ମାନ ଆଦରକରିବା ସହ ବିଡି, ଗୁଣି, ଡିକାସିନ୍[8] ଆଦି ବି ଦେବାକୁ ହୋଇଥାଏ ।**

କଥାନି ପରିବେଷଣର ପ୍ରାରମ୍ଭରେ କଥକ ପଚାରିଥାଏ, "କେନ୍ କଥାନି ଶୁନ୍‌ବ?" ସେଇଠୁ ଶ୍ରୋତା ତାଙ୍କ ପସନ୍ଦର କଥାନି କହିବାକୁ ଅନୁରୋଧ କରନ୍ତି । ବେଳେବେଳେ କଥକଙ୍କ ଉପରେ ଛାଡିଦିଆଯାଏ । ଏକ୍ଷେତ୍ରରେ ସେ ତାଙ୍କ ଇଚ୍ଛାଅନୁସାରେ ଯେକୌଣସି କଥାନି ପରିବେଷଣ କରିପାରନ୍ତି । କଥାନି ଆରମ୍ଭପୂର୍ବରୁ କଥକ ଏହାକୁ ଆକର୍ଷଣୀୟ କରିବାକୁ ଏକପ୍ରକାର ପହେଳି ଆରମ୍ଭ କରିଥାନ୍ତି । ଏହି ପହେଳିର ବର୍ଣ୍ଣନାଭିତରେ ଶ୍ରୋତାମାନେ କଥାନି ପରିବେଷଣପ୍ରତି ମାନସିକଭାବେ ପ୍ରସ୍ତୁତହେବା ସହିତ କଥାନି ପରିବେଷଣ ପ୍ରକ୍ରିୟା ଭିତରକୁ ଆକୃଷ୍ଟ ହୋଇପଡନ୍ତି । ଉଦାହରଣ ସ୍ୱରୂପ– "ଦେଶେ୍‌ଗୋଟେ ଥିଲା ଯେ ଗହୁଁଏଡ୍‌କି ଲମ୍ବ୍, ମୁସ୍‌ରିଏଡ୍‌କି ଚକା । ସେ ଦେଶେ୍‌ନ ସିଧାବାଡି ସମେନାଇଁ, କଙ୍ଗ୍‌ଟିବାଡି ଆଏନାଇଁ । ଶୁକ୍‌ଲାକାଠ୍ ଠୋଡ୍‌କୋକର୍‌ସି, କଁଚାକାଠେ ଜୁଏଧର୍‌ସି । ଶୋଏଲା ଲୋକ୍ ହେଁକର୍‌ସି, ଚେତିଥିଲା ଲୋକ୍ କପ୍‌ସିଦେସି । ସେ ପରା ଗୋଟେଦେଶ୍ ଥିଲା । ସେ ଦେଶେ୍‌ନ ଗୋଟେ ସାନେ ଗାଁ । ସେ ସାନେ ଗାଁନେ ତେଲି, ମାଲି, ଗଉର, ସଅଁରା, ଲୋହରା, କେଉଟ, ଡମ୍, ଘାଁସିସଭେ ଥିଲେ..." କିମ୍ବା "ଗୋଟେ ରେଜ ଥିଲା । ସେ ରେଜେ୍‌ନ ବଡ ଗୋଟେ ଗାଁ ଥିଲା । ସେ ଗାଁ'ନେ ଗୋଟେ ବୁଢୀଥିଲା । ଥରେକର କଥା, ଘର୍‌ଲିପବାର କାଯେ ବୁଢୀ ତିନଛେଟନା ମାଏଟ୍‌ଆନଲା । ସେ ମାଏଟ୍‌କେ ଫୁଲାଲା ଯେ ଦୁଇ ଛେଟନା ମାଏଟ୍ ମୁଟେ ନାଇଁଫୁଲି ଗୋଟେ ଛେଟନାଫୁଲାଲା । ଯେନ୍ ମାଏଟ୍‌ଫୁଲଲା ତାକେ ନିକରି ତିନ୍‌ଟା ହାଣିଁବନାଲା । ଦୁଇଟା ହାଣିଁ କଁଚାଓଦା ଗୋଟେ ହାଁଣି ଶୁଖା । ଯେନ୍ ହାଁଣି ଶୁଖା ସେ ହାଁଣିନେ ରାନ୍‌ଧ୍‌ଲା ତିନ୍‌ମାନ୍ ଚଉଲ । ଦୁଇମାନ୍ ଫୁଟ୍‌ଲାନାଇଁମାନେକ୍ ଚଉଲ ଫୁଟଲା । ଯେନ୍‌ମାନେକ ଫୁଟ୍‌ଲା ସେଥିର୍‌ଲାଗି ଥିଲେ ତିନ୍‌ଟା କୁନୁଆଁ । ଦୁଇଟା କୁନୁଆଁ ରୁଷାଫୁଲା ଗୋଟେ କୁନୁଆଁ ଖାଏନାଇଁ । ଯେନ୍ କୁନୁଆଁ ଖାଏନାଇଁ ସେ କୋଡ୍‌ଲା ତିନ୍‌ଟା ବନ୍‌ଦ୍ । ଦୁଇଟା ବନ୍‌ଦ୍ ଶୁଖାବୁଡା ଗୋଟେ ବନ୍ଦେ ପାଏନ୍‌ନାଇଁ । ଯେନ୍ ବନ୍ଦେ ପାଏନ୍‌ନାଇଁ ସେ ବନ୍ଦନେ ସମ୍ଭେଲ ତିନ୍‌ଟା କେଉଟ୍ । ଦୁଇଟା କେଉଟ୍ ଏନେତେନେ ଗୋଟେକର ପତାନାଇଁ । ଯେନ୍ କେଉଟର ପତାନେଇଁ ସେ ଧର୍‌ଲା ତିନଟା ବଲିଆ । ଦୁଇଟା ବଲିଆ କୁଆସଢା, ଗୋଟେ ବଲିଆର୍ ଅଁତିନେଇଁ । ଯେନ୍ ବଲିଆର୍ ଅଁତିନେଇଁ ତାକେ ବିକ୍‌ଲା ତିନ୍‌ଟା ଟଁକା । ଦୁଇଟା ଟଁକା ଯେ କଣାଭଙ୍ଗା, ଗୋଟେ ଟଙ୍କା ଚଲେନେଇଁ । ଯେନ୍ ଟଁକା ଚଲେନେଇଁ ତାକେ ବଦ୍‌ଲାଲା ତିନ୍‌ଟା କୋଉଡି । ଦୁଇଟା କୋଉଡି ଫଟାଚୁଟା ଗୋଟେ କୋଉଡି ବାଜେନେଇଁ । ଯେନ କୋଉଡି ବାଜେନେଇଁ ତାକେ ଘେନେ୍‌ଲ ତିନ୍‌ଟା ସୁନାରୀ । ଦୁଇଟା ସୁନାରୀ ଭଏଁରାଛୋଟା, ଗୋଟେ ସୁନାରୀ ଦେଖେନେଇଁ । ଯେନ୍ ସୁନାରୀ ଦେଖେନେଇଁ ତାକେ ମାରେ୍‌ଲ ତିନଟା ଥାପଡ । ଦୁଇଟା ଥାପଡ ଏନେତେନେ ଗୋଟେ ଥାପଡ୍ ବାଜେନେଇଁ... (ମୁଣ୍ଡ୨୦୦୩, ଛ-ଜ)" ।

ଏମିତି ପହେଳି ଚାଲେ ପରେପରେ ଆରମ୍ଭ ହୋଇଥାଏ କଥାନି । ଏଇଠୁ କଥାନି 'ମୁନ୍ଦଲ'ପଡେ । ଧୀରେଧୀରେ କଥାନି ଆଗକୁବଢେ ଯାହା ଚହଲେନଭାବରେ ପରିଚିତ । ଏହା ବିଭିନ୍ନ କଥକକ୍ଷେତ୍ରରେ ଭିନ୍ନଭିନ୍ନ ହୋଇଥାଏ । ସମାନ କଥାବସ୍ତୁ ହୋଇଥିଲେ ମଧ୍ୟ ବିଭିନ୍ନ କଥକ ଭିନ୍ନଭିନ୍ନଶୈଳୀରେ କଥାନି ଚହଲେଇଥାନ୍ତି । କଥାନି ବେଶ୍ କିଛିସମୟ ଗଡିକଲାପରେ କଥକ ବିଶ୍ରାମନେବାକୁ ଚାହିଁଲେ ବିଶ୍ରାମନେଇଥାନ୍ତି । ଏହା ହେଉଛି ଥାକେନ୍ । ଏହି ସମୟରେ ସେ ବିଡିଟେ କିମ୍ବା ପିକାଟେ ନହେଲେ ଭାଁଗ୍ ଟିକିଏ ଯାହାର ଯେଉଁ ଅଭ୍ୟାସ ଥାଏ, ନହେଲେ ଖରାଦିନ ହୋଇଥିଲେ ପାଣି ଟିକିଏ ବି ପିଇଥାନ୍ତି । ପୁଣିଥରେ ଆରମ୍ଭ ହୁଏ ପରିବେଷଣ । କଥାନି ପରିବେଷଣ ମଝିରେ ଶ୍ରୋତାଙ୍କୁ ହୁଁ ବା ହଁମାରିବାକୁ ପଡିଥାଏ । ଏହାକୁ 'ହୁଁକ୍‌ରାବା' କୁହାଯାଏ । ବେଳେବେଳେ କଥାନିର ଗୋଟେଭାଗ ଆଗକୁ ବଢିଯାଏ ତ ଆରଭାଗକୁ ବର୍ଣ୍ଣନା କରିବାକୁ ହୋଇଥାଏ ଏହାକୁ 'ପଛଘିଚେନ' କୁହାଯାଏ[9] । କଥାନି ପରିବେଷଣ ମଝିରେ କଥକକୁ ଶ୍ରୋତାମାନେ ବେଳେବେଳେ ବିଭିନ୍ନ ବର୍ଣ୍ଣନାଉପରେ ଜିଜ୍ଞାସା କରିଥାନ୍ତି । ଏହାକୁ 'ପଚରେନ୍' କୁହାଯାଏ । କଥାନି ପରିବେଷଣକୁ ଏକତରଫା କିମ୍ବା ଚିରାଚରିତ ନକରିବାକୁ କଥକ କିଛି ଘଟଣାକ୍ରମକୁ ଦ୍ୱନ୍ଦାତ୍ମକକରି ଛାଡିଦିଅନ୍ତି । ଏ କ୍ଷେତ୍ରରେ ଶ୍ରୋତାମାନେ ତାଙ୍କୁ ପ୍ରଶ୍ନ କରିଥାନ୍ତି ସେ ସେଇଠୁ ଦ୍ୱନ୍ଦ୍ୱମୋଚନ କରିଥାନ୍ତି ଏହା 'ହିଟେନ୍' ଭାବରେ ପରିଚିତ । ଏହିପରି ପଛଘିଚେନ, ପଚରେନ୍, ହିଟେନ୍ ଭିତରେ କଥକ କଥାନିଟିକୁ ଆଗକୁ ବଢେଇଥାନ୍ତି ଯାହାକୁ 'ଚଘେନ୍' କୁହାଯାଏ ।




ପରିବେଷଣ ପ୍ରକ୍ରିୟା

ଶେଷରେ କଥାନିର ବିଷୟବସ୍ତୁ ଦୃଷ୍ଟିରୁ ତଥା ଶ୍ରୋତାମାନଙ୍କ ମାନସିକସ୍ଥିତିକୁ ଅନୁଧ୍ୟାନକରି ପରିବେଷଣ ପ୍ରକ୍ରିୟାର ଅନ୍ତିମ ପର୍ଯ୍ୟାୟକୁ ଆସନ୍ତି ଯାହା ଛିଡେନ୍ ଭାବରେ ପରିଚିତ । ତେବେ, ଏଥିନିମନ୍ତେ ସେଭଳି କୌଣସି ଧରାବନ୍ଧା ନିୟମନଥାଏ । କାରଣ, ଦୀର୍ଘକଥାନି ହୋଇଥିଲେ ଏକ ପରିବେଷଣକାଳରେ ଶେଷନହେଲେ ପରବର୍ତ୍ତୀ ସମୟରେ ତାହାକୁ ପରିବେଷଣପାଇଁ ସ୍ଥଗିତ ମଧ୍ୟ ରଖାଯାଇପାରେ ।

ପାରମ୍ପରିକ କଥାନିର ପ୍ରାରମ୍ଭ ଭଳି ପରିସମାପ୍ତି ମଧ୍ୟ ଚିତ୍ତାକର୍ଷକ । ଉଦାହରଣସ୍ୱରୂପ— "ମୋର କଥାନି ସରଲା, ଫୁଲଗଛ ଗୋଟେ ମରଲା ।"

"ମୋର କଥାନି ସରଲା, ମୁଇଁ ଯାଇଥିଲି ନରଲା, ମୋକେ କଁଟାଆପରଲା ।"

"ମୋର କଥାନି ସରଲା, ମୁଇଁ ଯାଇଥିଲି ନରଲା, ନରଲାନୁ ଆନିଥିଲି କରଲା, ଭାଜି ଖାଇଖାଇ ସରଲା ।"

"ମୋର କଥାନି ସରଲା, ଜାନେ୍ଲ ତର୍, ନାଇଁ ଜାନେ୍ଲ ମର୍ ।"

"... ତେନେ୍କ କେନ୍ତାହେଲା ତମେ ଭାବନା । ମୁଇଁ ଏତ୍‌କି ଜାନ୍‌ସିଁ (ମୁଣ୍ଡ ୨୦୦୩, ଜ) ।"

ଏ କ୍ଷେତ୍ରରେ କଥକ କଥାନିର ଅନ୍ତିମଅଂଶକୁ ଆଧାରକରି ନିଜସ୍ୱ ସୃଜନଶୀଳତାରେ ଆଉ କିଛି ଆଖ୍ୟାନ ମଧ୍ୟ ଯୋଡିବାକୁ ଚେଷ୍ଟା କରିଥାନ୍ତି ଯାହା ସମ୍ପୂର୍ଣ୍ଣ ଭାବରେ କଥକଙ୍କ ଉପରେ ନିର୍ଭର କରିଥାଏ[10] ।

## କଥାନି ପରିବେଷଣ: ବିଭିନ୍ନ ଆୟାମ

କଥାନି ପରିବେଷଣ କେବଳ କଥାନିର କଥନନୁହେଁ, ଏହାର ବିଭିନ୍ନ ପ୍ରକାର୍ଯ୍ୟ, ବିଭିନ୍ନ ଆୟାମ ଅଛି । କଥାନି କଥନକୁ 'ଏକ ପରିବେଷଣ ପ୍ରକ୍ରିୟା (storytelling as an event)' ଭାବରେ ଗ୍ରହଣକରି ଏହାର ବିଭିନ୍ନ ଆୟାମ ଉପରେ ବେନ୍-ଆମସ୍, ଏବଂ ଗୋଲଡ୍‌ଷ୍ଟେଇନ୍ (Ben-Amos, and Goldstein, 1975), ବାରବାରା (Babcock, 1977), ଆବ୍ରାହାମ୍ (Abrahams, 1977), ରୋବର୍ଟ ଜର୍ଜସ୍ (Georges, 1969 P. 313-328), ବାରବାରା କୁଟିନ୍ (Kutin, 2007 P.35-42), ଏବଂ ମୁଲେନ୍ (Mullen, 1981 p.266-279) ପ୍ରଭୃତି ଲୋକତତ୍ତ୍ୱବିଦ୍ ତାଙ୍କ ପ୍ରବନ୍ଧଗୁଡିକରେ ଆଲୋଚନା କରିଛନ୍ତି ଏବଂ କଥାନି ପରିବେଷଣ କିପରି ଲୋକଗୋଷ୍ଠୀ ସେମାନଙ୍କର ସାମାଜିକ-ସାଂସ୍କୃତିକ ଜୀବନଧାରା ସହିତ ଜଡିତ ସେ ସମ୍ପର୍କରେ ଉଲ୍ଲେଖକରିଛନ୍ତି[11] ।

(କ) କଥାନି ପରିବେଷଣ ନିମିତ୍ତ ଜଣେ କଥକ ସହିତ ଅନ୍ୟୁନ ଜଣେ ଶ୍ରୋତାଙ୍କ ଆବଶ୍ୟକତାଥାଏ । ବିନା ଶ୍ରୋତାରେ କଥାନିର ପରିବେଷଣ ସମ୍ଭବନୁହେଁ । ତେବେ, ଏକାଧିକ ବିଭିନ୍ନ ବୟସର ଶ୍ରୋତାଙ୍କ ଉପସ୍ଥିତି କଥାନି ପରିବେଷଣକୁ ଆକର୍ଷଣୀୟ କରିଥାଏ ।

(ଖ) ଏହି ଆଦାନପ୍ରଦାନ କଥକ ଏବଂ ଶ୍ରୋତାଙ୍କ ମଧ୍ୟରେ 'ସିଧାସଳଖ (direct intelocation)' ହୋଇଥାଏ ।

(ଗ) କଥାନି ପରିବେଷଣରେ କଥକ ଏବଂ ଶ୍ରୋତା ଏକ 'ସଂକେତ (code)' ମାଧ୍ୟମରେ ଭାବର ଆଦାନ ପ୍ରଦାନକରନ୍ତି । କଥାନି ପରିବେଷଣର 'ଭାଷିକ (linguistics)'', 'ପରାଭାଷିକ (paraling- uistics)', ଏବଂ 'ଆଙ୍ଗିକ (kinesic)' ପ୍ରଭୃତି ସଂକେତ ଏହି ଭାବର ଆଦାନପ୍ରଦାନକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥାଏ । ଏହି ଆଦାନପ୍ରଦାନ ଶବ୍ଦ ତଥା ଦୃଶ୍ୟକୁ ଆଧାରକରିଥାଏ । ଅର୍ଥାତ୍ କଥାନିର ସମ୍ପୂର୍ଣ୍ଣ ଆସ୍ୱାଦନପାଇଁ କେବଳ କଥକର ଭାଷିକବର୍ଣ୍ଣନା ନୁହେଁ ଅଙ୍ଗଚାଳନା ଓ ଅନ୍ୟାନ୍ୟ ପରାଭାଷିକ ପ୍ରକ୍ରିୟାଗୁଡିକର ମଧ୍ୟ ଗୁରୁତ୍ୱପୂର୍ଣ୍ଣଭୂମିକା ରହିଛି । ବିଷୟ ବସ୍ତୁର ଅବଧାରଣା, ଓ ସମ୍ପ୍ରସାରଣର ଧାରାବାହିକତା କଥକ ଏବଂ ଶ୍ରୋତାଙ୍କ ପାରମ୍ପରିକ ଜ୍ଞାନ ତଥା ପରିବେଶ ପରିସ୍ଥିତି ଅନୁଯାୟୀ ସୃଜନଶୀଳ ତତ୍କାଳିକ ସଂଯୋଜନାଉପରେ ନିର୍ଭରକରିଥାଏ ।

(ଘ) କଥାନି ପରିବେଷଣ ଏକ ନିର୍ଦ୍ଦିଷ୍ଟ ସାମାଜିକ ଗୋଷ୍ଠୀ ସୃଷ୍ଟିକରିଥାଏ । ପାରମ୍ପରିକ ସମାଜରେ ଏହି ପରିବେଷଣ ପ୍ରକ୍ରିୟା ସମ୍ପୃକ୍ତ ସମାଜର ଐକତାକୁ ବଜାୟରଖିବାରେ ସହାୟକ ହୋଇଥାଏ ।

(ଙ) ପ୍ରତ୍ୟେକ ପରିବେଷଣ କଥକ ଏବଂ ଶ୍ରୋତାର ସାମାଜିକ-ସାଂସ୍କୃତିକ ସମ୍ପର୍କ ତଥା ନୀତିନିୟମକୁ ଆଧାରକରିଥାଏ । କଥକ ଉପସ୍ଥିତ ଶ୍ରୋତାଙ୍କୁ ଆଖିଆଗରେରଖି କଥାନି ପରିବେଷଣକରିଥାନ୍ତି । ଗୁରୁଜନ କିମ୍ବା ସମ୍ମାନାସ୍ପଦ ମହିଳା, ଝିଅପିଲା ତଥା ସାନସାନ ପିଲାମାନଙ୍କ ଉପସ୍ଥିତିକୁ ଆଖିଆଗରେ ରଖିବାକୁ ପଡେ, ଏବଂ କଥାନି ପରିବେଷଣକାଳରେ ବିଷୟବସ୍ତୁର ନିର୍ବାଚନ ସହିତ ବର୍ଣ୍ଣନା ଉପରେ ଧ୍ୟାନଦିଆଯାଇଥାଏ ।

(ଚ) କଥାନି ପରିବେଷଣ କେବଳ ମନୋରଞ୍ଜନ ବା ସମୟର ଅପନୋଦନପାଇଁ ନୁହେଁ, ଏହାର ବିଭିନ୍ନ ସାମାଜିକ ଉପଯୋଗ ମଧ୍ୟ ଅଛି । ଉଦାହରଣ ସ୍ୱରୂପ– କଥାନି ପରିବେଷଣରେ ଅବସର ସମୟର ଅପନୋଦନ ଅନାୟାସରେ ହୋଇଥାଏ । ବିଭିନ୍ନ ସମାଜିକ-ସାଂସ୍କୃତିକ, ରାଜନୈତିକ, ଐତିହାସିକ ତଥା କିମ୍ବଦନ୍ତୀମୂଳକ ଘଟଣାବଳୀର ବର୍ଣ୍ଣନାପାଇଁ କଥାନି ପରିବେଷଣ ଏକ ପ୍ରକୃଷ୍ଟ ପରିସର ଭାବରେ କାମକରିଥାଏ । କଥାନି ପରିବେଷଣରେ ଅଂଶଗ୍ରହଣକାରୀ ବା ଶ୍ରୋତାଙ୍କ ମଧ୍ୟରେ ତଥା ସେମାନଙ୍କ ମାଧ୍ୟମରେ ଅନ୍ୟମାନଙ୍କ ପାଖକୁ ମଧ୍ୟ ଏହି ଆୟାମଟି ସିଧାସଳଖ ସମ୍ପ୍ରସାରିତ ହୋଇଥାଏ ଏବଂ ସମ୍ପୃକ୍ତ ସମାଜର ବିଭିନ୍ନଚିତ୍ର ସହିତ ସେମାନଙ୍କୁ ପରିଚିତ କରିବାରେ ସହାୟକ ହୋଇଥାଏ ।

(ଛ) କଥାନି ପରିବେଷଣ ଗୋଟିଏ ସମୟ ଏବଂ ପରିବେଶରେ କେବଳ ଥରେ ମାତ୍ର ଆୟୋଜିତ ହୋଇଥାଏ । ପରବର୍ତ୍ତୀ ପରିବେଷଣରେ କଥାନି ବିଷୟବସ୍ତୁ ଦୃଷ୍ଟିରୁ ସମାନହେଲେ ମଧ୍ୟ ନୂତନତା ଦେଖିବାକୁ ମିଳିଥାଏ । କଥାନିର ପରିବେଷଣ ଯେହେତୁ ସମୟ, ପରିବେଶ, ଶ୍ରୋତା, ତଥା କଥକର ସାମାଜିକ-ମାନସିକସ୍ଥିତି ଉପରେ ନିର୍ଭରକରିଥାଏ ଏଣୁ, ପ୍ରତ୍ୟେକ ପରିବେଷଣ ଏକ ନୂତନ କଥାନିର ସୃଜନଶାଳା ପାଲଟିଯାଏ ।

## ଉପସଂହାର

କଥାନି ସମ୍ପୃକ୍ତ ସମାଜର ଏକ ସାଂସ୍କୃତିକ ପରିଚୟ । କଥାନି ପରିବେଷଣର ଅନେକ ଉପଯୋଗିତା ତଥା ପ୍ରକାର୍ଯ୍ୟ ଅଛି । କଥାନିଗୁଡ଼ିକର ସଂଗ୍ରହ, ବିଭାଗୀକରଣ ଏବଂ କଥାନି ପରିବେଷଣ ପ୍ରକ୍ରିୟାକୁ ଅନୁଶୀଳନ କରି ଆମେ ସମ୍ପୃକ୍ତ ସମାଜର ବହୁବିଧ ଆୟାମ ସମ୍ପର୍କରେ ଅବଗତ ହୋଇପାରିବା । ଅତଏବ, କଥାନି ଗୁଡ଼ିକର ସଂଗ୍ରହ ଏବଂ ବିଭାଗୀକରଣ କଥା ବାଚନାର ଲୋକତାତ୍ତ୍ୱିକ ଅଧ୍ୟୟନପାଇଁ ଏକ ଉତ୍କୃଷ୍ଟ ପରିସର ସୃଷ୍ଟିକରେ । ଏହିସବୁ ଅଧ୍ୟୟନରୁ ସମ୍ପୃକ୍ତ ସମାଜର ସାମାଜିକ, ସାଂସ୍କୃତିକ, ରାଜନୈତିକ, ତଥା ଅର୍ଥନୈତିକ ଚିତ୍ରମିଳିବା ସହିତ ସମାଜର ବିଭିନ୍ନ ବୈଶିଷ୍ଟ୍ୟସହ ପରିଚିତହେବା ସମ୍ଭବହୋଇପାରିବ ।

---

୧. ସହରାଞ୍ଚଳରେ ଗଣମାଧ୍ୟମ ବା ଆଧୁନିକତାରପ୍ରଭାବରେ ଯେ କଥାନି କୁହାଯାଉନି ତାହାନୁହେଁ । ଏଠି ବି କଥାନି କୁହାଯାଉଛି ତେବେ ତାହା ଆଲୋଚିତ କଥାନି ପରମ୍ପରାଠାରୁ ଭିନ୍ନ ଏବଂ ଏହା ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷାରଖେ ।

୨. କିଛି ବର୍ଷତଳେ ରାଜ୍ୟ ସରକାରଙ୍କଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ଶିଶୁ ମହୋତ୍ସବ 'ସର୍ଗଫୁଲ'ରେ 'ସର୍ଜନଶୀଳ ଲେଖନ **(creative writing)**' ପାଇଁ 'ସଂଚାଳକ **(facilitator)**' ଭାବରେ ଯୋଗ ଦେଇଥିଲି, ସେଠାରେ ବିଭିନ୍ନ ବିଦ୍ୟାଳୟରୁ ଆସି ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ 'ମାଙ୍କଡ ଓ କୁମ୍ଭୀର କଥାନି'ର ଏକ 'ପ୍ରକାରାନ୍ତରରୂପ' କିମ୍ବା 'ଭିନ୍ନରୂପ' ପ୍ରସ୍ତୁତ କରିବାକୁ କୁହାଗଲାବେଳେ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ତତ୍କାଳୀନ ସଂଯୋଜନା ମଧ୍ୟରେ ଯେଉଁ କାହାଣୀଟି ପ୍ରସ୍ତୁତ କରିଥିଲା ତାହାର ସାରାଂଶ ଏଠାରେ ଉଲ୍ଲେଖନୀୟ– ଝିରନ ନଈକୂଳରେ ଥିବା ଜାମୁଗଛରେ ମାଙ୍କଡଟିଏ ରହୁଥିଲା । ସେହି ନଈକୁ ପାଖ ଗାଁ ସିଂଝରର ସବୁଲୋକ ଗାଧୋଇବାକୁ ଆସୁଥିଲେ । ସିଂଝର ଗାଁରେ ଇପିଲି ବୋଲି ଝିଅଟିଏ ଥିଲା, ସେ ବି ସବୁଦିନ ନଈକୁ ଆସୁଥିଲା ଗାଧୋଇବାକୁ । ମାଙ୍କଡ ଇପିଲିକୁ ବେଳେବେଳେ ଜାମୁକୋଳି ଖାଇବାକୁ ଦେଉଥିଲା ଓ ତା ସହିତ ଗପକରୁଥିଲା । ଏମିତି କଥାବାର୍ତ୍ତା ହେଉହେଉ, ଗପ କରୁକରୁ ଇପିଲି ଓ ମାଙ୍କଡ ମକରବସିଲେ । ଦିନେ ଇପିଲି ଗୋଟେ ମୋବାଇଲଧରି ଆସିଥିଲା ଯାହା ସହରରେ ଚାକିରୀକରୁଥିବା ତାର ଦାଦା ତାପାଇଁ ଆଣିଦେଇଥିଲେ । ମାଙ୍କଡ ଇପିଲିଠାରୁ ମୋବାଇଲ ବିଷୟରେ ଶୁଣିବାପରେ ସେହି ମୋବାଇଲରେ ବେଳେବେଳେ ଦୂରଜଙ୍ଗଲରେ ଥିବା ତା ଭାଇଭଉଣୀମାନଙ୍କସହ କଥାହେବାକୁ ଚାହିଁଲା, ଇପିଲି ମଧ୍ୟ ତା ମକରକୁ ମନାକରିପାରିନଥିଲା । ଦିନେ ମାଙ୍କଡ କହିଲା, କିଛିଦିନ ପାଇଁ ମୋର ଟିକିଏ ମୋବାଇଲ ଦରକାର ଅଛି । ଇପିଲି ତାକୁ ମନାକଲାନାହିଁ । ମାଙ୍କଡକୁ ମୋବାଇଲ ଦେଇ ଘରକୁ ଚାଲିଗଲା । ତାପର ଦିନ ଇପିଲିକୁ ଜରଆସିଲା ତ ଆଉ ନଈକୁ ଗାଧୋଇବାକୁ ଯାଇପାରିଲାନାହିଁ । ପ୍ରାୟ ପନ୍ଦରଦିନ ପରେ ଯେତେବେଳେ ଗାଧୋଇବାକୁ ଗଲା ତାକୁ ଦେଖି ମାଙ୍କଡ ଭୋ'ଭୋ' କାନ୍ଦିବାକୁଲାଗିଲା, ଆଉ କୁମ୍ଭୀର ମୋବାଇଲ ନେଇଯାଇଥିବାକଥା କହିଲା । ଇପିଲି ବି ଦୁଃଖରେ କାନ୍ଦିପକାଇଲା, କହିଲା, "ମୁଁ ତମକୁ କେତେ କହିଥିଲି କୁମ୍ଭୀରକୁ ମୋବାଇଲ ବିଷୟରେ କେବେବି କହିବନାହିଁ, ତମେ ତାକୁ ଦେଖେଇଲ କାହିଁକି? ଯିଏ ଅନ୍ୟର କଲିଜା କାଢିନେଇପାରେ ସେ କ'ଣ ମୋବାଇଲକୁ ଲୋଭ ନକରି ରହିପାରିବ?" ମାଙ୍କଡ ବି ଦୁଃଖକଲା, "ହେଲେ ଆଉ କ'ଣ କରିବା ମକର...?" ଇପିଲି ବି କାନ୍ଦକାନ୍ଦ ହେଲା, "କ'ଣ ଆଉ କରିବା ହେଡ୍ ଆଜ୍ଞା ତ କେବେବି ଆମ କଥା ଶୁଣିବେନାହିଁ, ସେ ଗୁରୁମାର କଥାକୁ ହିଁ ବିଶ୍ୱାସ କରିବେ"! (କାହାଣୀ ଲେଖିସାରିଲାବେଳକୁ ଝିଅଟିର ଆଖି ପାଣିରେ ଭରିଯାଇଥିଲା) ।

୩. ଏହି ବିଭାଗୀକରଣରେ ବିଶି "ସାକୀ: ବଞ୍ଜାରା ଲୋକକଥା" ଭଳି ଏକ ବିଭାଗୀକରଣ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି କିନ୍ତୁ କୌଣସି ଏକ ଗୋଷ୍ଠୀର ଲୋକକଥାକୁ ଏପରି ବିଭାଗୀକରଣରେ ଗ୍ରହଣଯୋଗ୍ୟ ମନେହେଉନଥିବାରୁ ତାହାକୁ ଏଠାରେ ଉପେକ୍ଷା କରାଯାଇଛି ।

ଲମକ୍‌ଗୁଡ଼ିକ ଏକଏକ ଦୀର୍ଘ କଥାନି । ଅତଏବ, ଦୀର୍ଘତାଦୃଷ୍ଟିରୁ କଥାନି ପରିବେଷଣରେ ଏକତାନିକତା ବଦଳରେ ଏହାର ପରିବେଷଣରେ ବିଭିନ୍ନଶୈଳୀରେ ଦେଖିବାକୁ ମିଳେ ଯଥା—

୧. ଡଣାପଟିଆ: ଡଣାପଟିଆ ଲମକ୍‌ର କାହାଣୀର ଗତି ସରଳରୈଖିକ ହୋଇଥାଏ । ଅନ୍ୟୁନ ଦୁଇଟି ସରଳରୈଖିକ କଥାନି ଏକ ସାଧାରଣ ବିନ୍ଦୁରେ ମିଳିତହୋଇ ଉପସଂହାରଆଣିଥାନ୍ତି ଠିକ ଦୁଇଟି ଶଗଡଡେଣାପରି ।

୨. ଡେଲାବାଟିଆ: ଡେଲାବାଟିଆ ଲମକ୍‌ର ଏକ ମୂଳକାହାଣୀ ଆଗକୁ କିଛିବାଟ ଗତିକରି ଯିବାପରେ ପ୍ରସଙ୍ଗକୁଧରି ତହିଁରୁ ଦ୍ୱିତୀୟ କଥାନିଟି ଆରମ୍ଭ ହୁଏ । ଦ୍ୱିତୀୟ କଥାନିକୁ ମୂଳକରି ଗଳ୍ପଭାଗ ପୂର୍ବପରି କିଛିବାଟ ଗତିକଲାପରେ ସେଥିରୁ ତୃତୀୟ କଥାନି ଆରମ୍ଭ ହୁଏ । ଏପରି ମୂଳକଥାନିକୁ ଭିତ୍ତିକରି କଥାନି ଆଗକୁଆଗକୁ ଅନେକ ଶାଖାପ୍ରଶାଖାରେ ପ୍ରସାରିତ ହୋଇଥାଏ ଯେପରି ଗୋଟିଏ ମଣିଷ ଚଲାପଥରୁ ଆଗକୁ ଅନେକ ବାଟବାହାରି ବିଭିନ୍ନଆଡକୁ ଯାଇଥାଏ, ଠିକ୍ ସେହିପରି ।

୩. ଗୁମାଗୁପିଆ: ପରିଚ୍ଛେଦକ୍ରମରେ ନାତିଦୀର୍ଘ ଭିନ୍ନଭିନ୍ନ ଲମକ୍ କହିସାରିବାପରେ ଶେଷ ଲମକ୍‌ର କଥକ ସମସ୍ତ ଲମକ୍‌କୁ ସମ୍ବନ୍ଧିତ କରିଥାନ୍ତି । ଫଳରେ, ସାମଗ୍ରିକଭାବେ ଲମକ୍‌ଗୁଡ଼ିକମଧ୍ୟରେ ଥିବା ପୂର୍ବାପର ସମ୍ପର୍କ ସ୍ପଷ୍ଟହୋଇଥାଏ । ସମସ୍ତ ପରିଚ୍ଛେଦର ପ୍ରାରମ୍ଭ ସହ ଉପସଂହାର ପର୍ଯ୍ୟାୟର ପୃଷ୍ଠଭୂମିକ ସମ୍ପର୍କ ରହିଥାଏ ।

୪. ଛିଡାମୁନ୍ଦଲିଆ: ଏ ପ୍ରକାର ଲମକ୍‌ର ଭିନ୍ନଭିନ୍ନ ଚରିତ୍ର କଥକରୂପରେ ଭିନ୍ନଭିନ୍ନ ଲମକ କହିଥାନ୍ତି । ପ୍ରଥମ ଚରିତ୍ର ନିଜ କଥାନିକୁ ଯେଉଁଠି ଶେଷକରେ, ସେଇଠି ନିଜମତ ପ୍ରକାଶକରିବାକୁଯାଇ ଦ୍ୱିତୀୟ ଚରିତ୍ର ଅନ୍ୟ ଏକ କଥାନି ଆରମ୍ଭକରେ– ଏହା ଅନୁଭୂତି ବର୍ଣ୍ଣନା ବା ଦୃଷ୍ଟାନ୍ତ ଆଖ୍ୟାନମୂଳକ । ଏପରି ସମସ୍ତଙ୍କ କଥା ଶେଷହେବା ପରେ ମୂଳସମସ୍ୟାର ସମାଧାନ ଉପରେ ବିଚାର କରାଯାଏ । ଜଣକର କଥାନି ଯେଉଁଠି ଛିଡେ ବା ଶେଷହୁଏ ଆଉ ଜଣକର କଥାନି ସେଇଠୁ ମୁନ୍ଦଲ୍ ବା ଆରମ୍ଭ ହେଉଥିବାରୁ ଏହାକୁ ଛିଡାମୁନ୍ଦଲିଆ ଲମକ୍ କୁହାଯାଏ ।

୫. ଆରାତୁମିଆଁ: ଏପ୍ରକାର ଲମକ୍‌ର ବିଭିନ୍ନସୂତ୍ରରୁ ଏକାଧିକ କଥାନି ଆସି ଶେଷରେ ଗୋଟିଏ ବିନ୍ଦୁରେ ମିଳିତ ହୋଇଥାନ୍ତି ଠିକ୍ ଶଗଡଚକରତୁମିରେ ଆରାସବୁ ଆସି ମିଶିଥିବାପରି ।

୬. ଏକଧରସିଆ: ଏହା ଗୋଟିଏ ମାତ୍ର ସରଳ କଥାନିକୁ ବୁଝାଏ (ବିଶି ୧୯୯୬, ୬) ।

ଏହି ପାରମ୍ପରିକ ବିଭାଗୀକରଣର ପରିସରବାହାରେ ମଧ୍ୟ ଆଉ କିଛି ଯେମିତି ନିଷିଦ୍ଧ ବା ଯୌନସମ୍ପର୍କିତ କଥାନି ଶୁଣିବାକୁମିଳେ । ସାଙ୍ଗସରସା, ବିଭିନ୍ନ ସମବୟସ୍କ/ବୟସ୍କା, କିମ୍ବା ଅଳ୍ପବୟସ ତାରତମ୍ୟଥିବା ସାଥୀମାନଙ୍କ ଭିତରେ ଏହାର ପରିବେଷଣ ହୋଇଥାଏ । ଲୋକକ୍ଷେତ୍ରରେ ଏହାର କୌଣସି ବିଭାଗୀକରଣ ଶୁଣିବାକୁ ମିଳିନାହିଁ, କିମ୍ବା ଲୋକତତ୍ତ୍ୱର କୌଣସି ଗବେଷକ ଏହାର ବିଭାଗୀକରଣ ବା ଅନୁଶୀଳନକରିବା ଦୃଷ୍ଟିଗୋଚର ହୋଇନାହିଁ । ତେବେ, କ୍ଷେତ୍ରଅଧ୍ୟୟନ ସମୟରେ ମୁଁ କିଛି ନିଷିଦ୍ଧ କଥାନି ସଂଗ୍ରହକରିଛି ।

୪. ଅନେକ ସମୟରେ କଥକ ନିଜର ସୃଜନଶୀଳତା ତଥା ଉପସ୍ଥିତ ପରିବେଶ ଓ ପରିସ୍ଥିତିକୁ କଥାନି ପରିବେଷଣ ଭିତରକୁ ଆଣିବାକୁ ଚେଷ୍ଟାକରିଥାଏ । ଉଦାହରଣ ସ୍ୱରୂପ– ସେନୁ ସେ ଗାଁନେ ଲୋକେ ଖୁସିନେ ଭୋଜିଭାତ କଲେ । ମକେ ବି ଡାକିଥିଲେ ଆର୍ ଏନତା ଖାଏବାକେଦେଲେ ଯେ କହନି... କେତେନିକେତେ... ମୁଇଁ ବି ଗୁରଦୁଟେ ଖାଇଲି... ଏତକି ଖାଇଲି ଯେ ବୁଆ ଏବରତକ ହେଦେ ଢକାରଆଉଛେ... କହି ପରିବେଷଣକାରୀ ହାକୁଟିମାରି ଦେଖାଇଦେଇଥାନ୍ତି ।

୫. ସୂତ୍ରାନୁସରଣ ସମ୍ପର୍କରେ ମିଲ୍‌ମାନ୍ ପେରୀ **(Milman Perry)** ଏବଂ ତାଙ୍କର ସହଯୋଗୀ ଆଲ୍‌ବର୍ଟ ଲର୍ଡ **(Albert Bates Lord)** ଆଲୋଚନା କରନ୍ତି । ସେମାନେ ବିଭିନ୍ନ ଲୋକ କଥା, ଲୋକ ଗୀତ, ଏବଂ ଅନ୍ୟ ବାଚିକଧାରାଗୁଡ଼ିକୁ ଅନୁଶୀଳନକରି ଏଗୁଡ଼ିକର ଆଖ୍ୟାନଗତ ସ୍ୱରୂପ ସମ୍ପର୍କରେ ଏକ ନୂତନ ସିଦ୍ଧାନ୍ତ ପ୍ରଦାନକଲେ, ଯାହା 'ବାଚିକ ସୂତ୍ର-ସିଦ୍ଧାନ୍ତ **(Oral Formulic Theory)**'ଭାବେ ପରିଚିତ । ପେରୀଙ୍କ ମତରେ 'ବାକ୍ୟାଂଶତା **(pattern phraseology or formulas)**', 'ବିଶେଷ ଆଖ୍ୟାନଶୈଳୀ **(typical narrative scene or themes)**', ଏବଂ 'ବ୍ୟାପକ-ଆଖ୍ୟାନଗତ ସଂଗଠନା **(large scale organization or story-pattern)**' ଆଖ୍ୟାନକାରୀଙ୍କୁ ସହଜରେ ଓ ସ୍ୱଚ୍ଛନ୍ଦରେ ଆଖ୍ୟାନ ସର୍ଜନକରିବାରେ ସହାୟକ ହୋଇଥାଏ । ଏହା 'ପେରୀ-ଲର୍ଡ ସିଦ୍ଧାନ୍ତ **(Perry-Lord Theory)**' ଭାବରେ ମଧ୍ୟ ସ୍ୱୀକୃତ ।

୬. ଟହଲିଆ- ଗାଁମାନଙ୍କରେ ବିଭିନ୍ନ ସାମାଜିକ-କର୍ମ-ଅନୁଷ୍ଠାନ ସମୟରେ ଯିଏ ସମସ୍ତଙ୍କୁ ଏକତ୍ରକରିଥାଏ; ସୁଡ୍ରେନ୍- ଧାଈ, ମେଲାଭୁତିଆର-କୁହାଳିଆ ବ୍ୟକ୍ତି; ଜଲଙ୍ଗିଆ- ବିବାହ ସମୟରେ ଯିଏ ବରଘର ପକ୍ଷରୁ କନ୍ୟାଘରକୁ ବିଭିନ୍ନ ରୀତିନୀତି ସମ୍ପାଦନ କରିବାକୁ ଯାଏ; ସିହାନ ବା ସିଆନ-ବୟସ୍କ ବ୍ୟକ୍ତି; ଜାନି, ଝାଁକର- ପୂଜାରୀ; ଦିଆରି, ଦେହେଲିଆ- ଯିଏ ଦେବୀଦେବତା ପୂଜାକରନ୍ତି ତଥା ଯାହାଙ୍କହାତରେ ଦେବୀଦେବତା ମାଏନ୍‌ଯାଆନ୍ତି ବୋଲି ବିଶ୍ୱାସକରାଯାଏ; ଗୁନିଆଁ- ଯିଏ ତନ୍ତ୍ରମନ୍ତ୍ର ତଥା ତୁଟୁକାମୁଟୁକା ଜାଣେ, ଗୁଣିକରିପାରେ ।

୭. ପଶ୍ଚିମ ଓଡିଶାରେ ବିଭିନ୍ନ ଜାତିମାନଙ୍କର ଏକଏକ ଭାଟ ସମ୍ପ୍ରଦାୟ ଦେଖିବାକୁ ମିଳିଥାଏ । ଘୋଗିଆ ଗଉଡଜାତିର ଭାଟ; ପରଘନିଆ ଗଣ୍ଡଜାତିର ଭାଟ; ଡମ୍ ବା ଗଣାମାନଙ୍କର ଭାଟ- ବିରଥିଆ; କଛରିଆ କନ୍ଧ ବା ଦେଶିଆ କନ୍ଧମାନଙ୍କର ଭାଟକୁ କୁହାଯାଏ– ମରାଲ; ଭଗୁଆ- ଏମାନଙ୍କର କୈଣସି ନିର୍ଦ୍ଦିଷ୍ଟ ଜାତିନାହିଁ ଯେକୌଣସି ଜାତିର ଲୋକ ଭଗୁଆ ହୋଇପାରନ୍ତି । ଏମାନେ ବୁଲିବୁଲି କଥାନି, ଗୀତ ପରିବେଷଣ କରିଥାନ୍ତି ।

୮. ଗୁଣି- ଦୋକ୍ତା, ଧୂଆଁପତ୍ରଚୂର୍ଣ୍ଣ; ଡିକାସିନ- ନାଲିଚାହା **(black tea)** ।

୯. କଥାନି ପରିବେଷଣ ସମୟରେ ବେଳେବେଳେ ଆବଶ୍ୟକତା ଦୃଷ୍ଟିରୁ କଥକ ଗୋଟିଏ ଘଟଣାକୁ ଛାଡିଦେଇ ଆଉ ଗୋଟିଏ ଘଟଣା ବର୍ଣ୍ଣନାକରିବା ଦେଖାଯାଏ । ଉଦାହରଣ ସ୍ୱରୂପ– "ରଜାଝିକେ ସେନୁ ଅସୁରନିଗଲା । ତାକେ ନିଗଲା ଜଙ୍ଗଲକେ । ଜଙ୍ଗଲ ଭିତରେ ଥିଲା ଗୁଟେ ଝର୍ । ଝର୍‌ଭିତରେ ଗୁଟେ କରପନ୍ । ସେ କରପନ୍‌ଭିତରେ ଥିଲା ଗୁଟେ ଘର୍ । ସେ ଘର୍‌ଭିତରେ ସାତ୍‌ଟା କବାଟ୍ । ସାତ୍‌ଟା କବାଟ୍ ପାରହେଲେ ଗୋଟେ ଘର, ସେଘରେ କବାଟନେଇଁ, ଅସୁର ଆଁକଲେ ଘରଖୁଲସି, ଆର୍ ମୁଁ ବନ୍ଦକଲେ ବନ୍ଦହିଯାଏସି । ସେନତା ଗୁଟେ ଘରେ ସେ ଲୁକେଇ ରଖଲା ରଜା ଝି କେ ।..." କଥକ ଏମିତି କଥାନି କହିଚାଲିଲାବେଳେ ଶ୍ରୋତା ପ୍ରଶ୍ନ କରିପାରନ୍ତି– "ସେ ରଜା ପିଲାର କାଣାହେଲା? ସେ କେନ୍ତାକଲା?" ସେଇଠୁ କଥକ ପୁଣି ପଛକୁଫେରନ୍ତି ଆଉ କହନ୍ତି ରଜାପିଲା କଥା ... ।

୧୦. ଉଦାହରଣ ସ୍ୱରୂପ– "...ସେନୁ ସେ ରଜା ତାର ଟୁକେଲକେ ହଲିଆ ପିଲାସଙ୍ଗେ ବିହାଦେବାକେ ହଁ ବଏଲା । ନାଇଁବଲବାକେ ବାଟନାଇଁ, ବିଚରା ତାର ଜୀବନବଁଚେଇଛେ । ରଜାଘର ବିହା... ବଡା ହୋଜୋଗୋଜୋକରି ବିହାହେଲା । ଛତୁନ୍-ନ'ଭଜାକରି ଖାଏବାକେ ଦେଲା । ଗରୀବଦୁଃଖିକେ

ଟଙ୍କାସୁନା, କପଡାଲତା, ପଏସାପତର କେତେନିକେତେ ଦାନକଲା । ମକେ ବି ଶାଢିଗୁଟେ ଦି'ଥିଲେ ଯେ କେତେନିକେତେ ପିନ୍ଧଲି, କେତେନିକେତେ ପିନ୍ଧଲି... ହେଦେ ଏବେ ଫାଟିଗଲା ଯେ ପତାଲୁଣା ବୁଲଉଛେଁ ଦେଖ... ହେନେ ପଡିଛେ... ।" କିମ୍ବା "...ରଜାପିଲା ରଜାତୁକେଲ ବିହାହେଲେ, ସୁଖେସୁଖେ ଘରଦୁଆରକଲେ । ସବକେ ସୁନାଟଁକା, ହୀରାଚାନ୍ଦି ଦାନ-ଦକ୍ଷିଣାଦେଲେ । ମୁଇଁ ଯାଇଥିଲି ମକେ ପଚାରଲେବି ନାଇଁ । ବାସିମଡ ଫୁଟେ ବି ଦେଲେନାଇଁ ।"

୧୧. ବାସକମ୍ ତାଙ୍କର **"The Forms of Folklore: Prose Narrative"** (**Bascom, William, 1954 P. 333-349; Bascom, William, 1965 P.3-20; Abrahams, Roger, 1977 P. 79-120**) ପ୍ରବନ୍ଧରେ ମିଥ୍, କିମ୍ବଦନ୍ତୀ ଏବଂ କଥାନିର ବିଭିନ୍ନ ଦିଗଉପରେ ଆଲୋଚନା କରିଛନ୍ତି ଯାହା ଏହି ଉପାଦାନ ସମ୍ପର୍କିତ ଅବଧାରଣାକ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଅନୁଶୀଳନ । ସେହିପରି, ରୋବର୍ଟ ତାଙ୍କର **"Towards and Understanding of Storytelling Events"** ପ୍ରବନ୍ଧରେ କଥାନି କଥନକୁ ଏକ ପରିବେଷଣ ପ୍ରକ୍ରିୟାଭାବରେ ଗ୍ରହଣକରି ଏହାର ବ୍ୟାପକ ଅନୁଶୀଳନ କରିଛନ୍ତି, ଏହା ବ୍ୟତୀତ କଥାନି ପରିବେଷଣର ଆଦାନପ୍ରଦାନ ପ୍ରକ୍ରିୟା, ସାମାଜିକ ପରିଚିତି ସମ୍ପର୍କରେ ମଧ୍ୟ ସେ ସ୍ୱତନ୍ତ୍ରଭାବରେ ଆଲୋଚନା କରିଛନ୍ତି ତାଙ୍କ **"Communicative Role and Social Identity in Storytelling"** ପ୍ରବନ୍ଧରେ । ପାରମ୍ପରିକ ପରିପ୍ରକାଶକୁ 'ବାଚିକ କଳା **(Verbal Art)**'ଭାବରେ ଗ୍ରହଣକରି ବାଉମାନ୍ ତାଙ୍କ **"Verbal Art as Performance"** (**Bauman, Richard, 1977 P. 290-311; Bauman, Richard, 1999**) ଶୀର୍ଷକ ଏକ ଦୀର୍ଘପ୍ରବନ୍ଧରେ କଥାନିର ପରିବେଷଣ ପ୍ରକ୍ରିୟା ଏବଂ ବିଭିନ୍ନ ଆୟାମ ଉପରେ ବିଶଦଭାବରେ ଆଲୋଚନା କଲେ ଯାହା ଉପାଦାନର ବହୁଗୁରୁତ୍ୱପୂର୍ଣ୍ଣ ଆୟାମକୁ ଉନ୍ମୋଚିତକଲା କାରଣ, ଏହା ପୂର୍ବରୁ ବାଚିକ ପରିପ୍ରକାଶକୁ ଏକ ପରିବେଷଣଭାବରେ ଲୋକତତ୍ତ୍ୱବିଦ୍‌ମାନେ ଗ୍ରହଣକରିନଥିଲେ । ଅନୁରୂପଭାବରେ, ବାରବାରା କୁଟିନ୍, ଏବଂ ପାଟ୍ରିକ୍ ମୁଲେନ୍ ଯଥାକ୍ରମେ **"The Roles of Participants in a Storytelling Event"** ଓ **"A Traditional Storyteller in Changing Contexts"** ପ୍ରବନ୍ଧରେ ଅଂଶଗ୍ରହଣକାରୀଙ୍କ ଭୂମିକା, ଆଉ ପରିବର୍ତ୍ତିତ ପରିସ୍ଥିତିରେ କଥାନି କଥକଙ୍କ ପରିବେଷଣଶୈଳୀ ସମ୍ପର୍କରେ ବିଶଦଭାବରେ ଆଲୋଚନା କରିଛନ୍ତି ଯାହା କଥାନିର ବିଭିନ୍ନ ଆୟାମକୁ ବୁଝିବାରେ ସହାୟକ ହୋଇଥାଏ ।

## References


ଦାଶ, କୁଞ୍ଜବିହାରୀ । *ଓଡିଆ ଲୋକଗୀତ ଓ କାହାଣୀ* । ବିଶ୍ୱଭାରତୀ: ଶାନ୍ତିନିକେତନ ଗବେଷଣା ବିଭାଗ, ୧୯୫୮ ।

ବିଶି, ଦୋଳଗୋବିନ୍ଦ । ସଂପାଦକ । *କଳାହାଣ୍ଡିର ଲୋକକଥା* । ଭବାନୀପାଟଣା: ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୧୯୯୬ ।

ମୁଣ୍ଡ, ପରମେଶ୍ୱର । ସଂପାଦକ । *କଳାହାଣ୍ଡିର ଲୋକସାହିତ୍ୟ* । ଭବାନୀପାଟଣା: ମହାବୀର ସାଂସ୍କୃତିକ ଅନୁଷ୍ଠାନ, ୨୦୦୩ ।

ମହାପାତ୍ର, ଶ୍ୟାମସୁନ୍ଦର । *ଲୋକ ସାହିତ୍ୟ ତତ୍ତ୍ୱ* ।୧୯୯୫ । କଟକ: ଓଡିଶା ବୁକ୍ ଷ୍ଟୋର, ୨୦୧୧ ।

ମିଶ୍ର, ଅଜୟ କୁମାର । *ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି* ।୧୯୯୭ । କଟକ: ବିଜୟିନୀ ପବ୍ଲିକେଶନ୍, ୨୦୧୩ ।

ମିଶ୍ର, ମହେନ୍ଦ୍ର କୁମାର । *କଳାହାଣ୍ଡିର ଲୋକ ସଂସ୍କୃତି* । କଟକ: ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୬ ।

ସାହୁ, ସୁଧୀର କୁମାର । *ପଶ୍ଚିମ ଓଡିଶାର ସାଂସ୍କୃତିକ ବିକାଶଧାରା* । କଟକ: ଅଗ୍ରଦୂତ, ୨୦୦୮ ।

Abrahams, Roger D. "Toward an Enactment-Centered Theory of Folklore". *Frontiers of Folklore*. Ed. William R. Bascom. Boulder: West View Press, 1977. 79-120.

Bascom, William R. "Four Function of Folklore". *Journal of American Folklore* 67.226 (1954): 333-349.

Bascom, William R. "The Forms of Folklore: Prose Narratives". *Journal of American Folklore* 78.307 (1965): 3-20. https://doi.org/10.2307/538099

Bauman, Richard. "Verbal Art as Performance". *American Anthropologist* 77.2 (1975): 290-311. rpt. *Verbal Art as Performance*. Ed. Richard Bauman. Long Grove IL: Wave land Press, Inc., 1977. 3-58.

Bauman, Richard. *Story, Performance, and Event: Contextual Studies of Oral Narrative*. 1986. Cambridge: Cambridge University Press, 1999.

Ben-Amos, Dan., and Kenneth S. Goldstein. Eds. *Folklore: Performance and Communication*. The Hague: Mouton Publishers, 1975.

Georges, Robert A. "Toward an Understanding of Storytelling Events". *Journal of American Folklore* 82.326 (1969): 313-328.

Kutin, Barbara Ivancic. "The Role of Participants in a Storytelling Event". *Folklore: Electronic Journal of Folklore* 37(2007): 35-42. https://doi.org/10.7592/FEJF2007.37.kutin

Mullen, Patrick B. "A Traditional Storyteller in Changing Contexts". *And Other Neighborly Names*. Eds. Richard Bauman, and Roger D. Abraham. Austin: University of Texas Press, 1981. 266-279.

## Funding

No funding was received for conducting this study.

## Conflict of interest

The Author has no conflicts of interest to declare that they are relevant to the content of this article.

## About The License

© The author 2020. The text of this article is open access and licensed under a Creative Commons Attribution 4.0 International License

## Cite this Article

Sanjaya Kumar Bag, Folktales of West Odisha: A Study, Indian Journal of Multilingual Research and Development, Vol 1, Iss 1 (2020) 16-26. DOI: https://doi.org/10.34256/ijmrd2013